୬ ପଞ୍ଚମ ଟେଷ୍ଟରେ ଭାରତର ରୋମାଞ୍ଚକର ବିଜୟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୮୮ ● ୫ ଅଗଷ୍ଟ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-188 ● 5th August 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଲକ୍ଷପତି ଦିଦି ହେବେ କୋଟିପତି ଦିଦି

# ଏସ୍‌ଏଚ୍‌ଜିରୁ ବିନା ସୁଧରେ ମିଳିବ ୧୦ ଲକ୍ଷ ଋଣ

ଭୁବନେଶ୍ୱର, ୪।୮
ନ୍ୟୁଜ୍ ବ୍ୟୁରୋ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ହିତାଧିକାରୀଙ୍କ ସହିତ କଥା ହୋଇଛନ୍ତି । ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଲକ୍ଷପତି ଦିଦିଙ୍କୁ ଏବେ ଏସଏଚଜିରୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ଋଣ ଯୋଗାଇଦେବାକୁ ସରକାର ପ୍ରାଥମିକତା ଦେବେ । କିଭଳି ବର୍ଷକରେ ଲକ୍ଷପତି ଦିଦିଙ୍କୁ କୋଟିପତି ଦିଦି କରାଯିବ ସେନେଇ ସରକାର ଗୁରୁତ୍ୱ ଦେଉଛନ୍ତି ।

ସୋସିଆଲ ମିଡିଆ ଏକ୍ସରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସୋମବାର ଲୋକସେବା ଭବନର ମହିଳା ଓ ଶିଶୁ ବିକାଶ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ସୁଭଦ୍ରା ଭଉଣୀମାନଙ୍କ ସହ ସିଧାସଳଖ ଆଲୋଚନା କଲି । ସେମାନେ ସୁଭଦ୍ରା ଯୋଜନା ବାବଦକୁ ମିଳିଥିବା ସହାୟତା ରାଶିର ଉପଯୋଗ କିଭଳି କରିଛନ୍ତି ସେ ବିଷୟରେ ପଚାରି ବୁଝିଲି । ବର୍ତ୍ତମାନ ଜାରି ରହିଥିବା ସମୀକ୍ଷାରୁ ମିଳୁଥିବା ତଥ୍ୟ ଆଧାରରେ ଆଗାମୀ ଦିନରେ ସୁଭଦ୍ରା ଭଉଣୀମାନଙ୍କ ପାଇଁ ଯୋଜନା ପ୍ରସ୍ତୁତ କରାଯିବ ।



ଗଣମାଧ୍ୟମକୁ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ଏକ ଅଭିନବ ପ୍ରୟାସ ସ୍ୱରୂପ ବିଭିନ୍ନ ଜିଲ୍ଲାର ସୁଭଦ୍ରା ଭଉଣୀମାନଙ୍କ ସହ ଡିଜିଟାଲ ମାଧ୍ୟମରେ ଆଲୋଚନା ହେଲା । ମା' ସୁଭଦ୍ରାଙ୍କ କୃପାରୁ ସୁଭଦ୍ରା ରାଶିର ଉପଯୋଗରେ ସେମାନଙ୍କ ଜୀବନରେ କିଭଳି ପରିବର୍ତ୍ତନ ଆସିଛି ସେ ବିଷୟରେ ଆଲୋଚନା ହେଲା ।

## ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ର ଉଦ୍‌ଘାଟିତ

# ଗଞ୍ଜାମ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବ୍ଲକରେ ସଚେତନତା ସୃଷ୍ଟି କରିବ

ଭୁବନେଶ୍ୱର, ୪।୮
ନ୍ୟୁଜ୍ ବ୍ୟୁରୋ

ସୋମବାର କୃଷି ଭବନ ଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ର ବା ସଚେତନତା ରଥର ଶୁଭ ଉଦଘାଟନ କରିଛନ୍ତି । ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଖାଦ୍ୟ ଓ କୃଷି ସଂଗଠନ (ଏଫଏଓ) ଓ ଅନ୍ତର୍ଜାତୀୟ ପ୍ରବାସ ସଂଗଠନର ମିଳିତ ସହଯୋଗ ଓ ଜାତିସଂଘ ପ୍ରବାସୀ ମଲ୍ଟି-ପାର୍ଟନର ଟ୍ରଷ୍ଟ ଫଣ୍ଡ'ର ସମର୍ଥନରେ ଓଡ଼ିଶାର ପ୍ରଥମ ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ରର ଆରମ୍ଭ କରାଯାଇଛି । ଗଞ୍ଜାମ ଓ କେନ୍ଦ୍ରାପଡ଼ାର ୫ ଟି ପ୍ରବାସ ପ୍ରବଣ ବ୍ଲକରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଏହା କାର୍ଯ୍ୟ କରିବ ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ଦାଦନ ଶ୍ରମିକଙ୍କ ସହାୟତା ନିମନ୍ତେ ଗଠିତ ଟାସ୍କଫୋର୍ସର ଚେୟାରମ୍ୟାନ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ବର୍ତ୍ତମାନ ଓଡ଼ିଶା ସରକାରଙ୍କ ତରଫରୁ ମହିଳା, ଯୁବବର୍ଗ, ଫେରନ୍ତା ପ୍ରବାସୀଙ୍କ ପାଇଁ ବିଭିନ୍ନ ଜୀବିକା ବିକାଶ କାର୍ଯ୍ୟକ୍ରମ ଓ ଦକ୍ଷତା ବିକାଶ, ନିଯୁକ୍ତି ସଂଯୋଜନ ପଦକ୍ଷେପମାନ ଗ୍ରହଣ କରାଯାଉଛି । ନିଜ ଅଞ୍ଚଳରେ ରୋଜଗାର ଯୋଗାଇ ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଆମର ଏହି ପ୍ରୟାସ ଆରମ୍ଭ ହୋଇଛି । ଆଜିର ଏହି ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ର ଗାଁ ଗାଁରେ ଲୋକଙ୍କୁ ସଚେତନ କରିବ । ଏଥିପାଇଁ ସରକାରଙ୍କ ଦ୍ୱାରା ନିଃଶୁଳ୍କ ପ୍ରବାସୀ ହେଲ୍ପଲାଇନ – ୧୮୦୦-୩୪୫-୭୮୮୫ ଜାରି କରାଯାଇଛି । ଯେକୌଣସି ଜରୁରୀ ପରିସ୍ଥିତି କିମ୍ବା ସୂଚନା ପାଇବା ପାଇଁ ଏହି ନମ୍ବରକୁ ଡାଏଲ୍ କରିପାରିବେ ।



ଏହି ଭ୍ରାମ୍ୟମାଣ କେନ୍ଦ୍ର ପ୍ରବାସୀଙ୍କୁ ସହଯୋଗ କରିବା ସହ ପ୍ରବାସ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଏକ ଢାଞ୍ଚାଗତ ଯୋଜନା ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ ମତବ୍ୟକ୍ତ କରିଛନ୍ତି ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟର ପ୍ରବାସୀ ସୁରକ୍ଷା ଅଧିକାରୀ ସୁନୀଲ ଶାହ, କୃଷି ବିଭାଗ ଅତିତିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର, ଡ଼ ସଂଗ୍ରାମ କେଶରୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ, ନଗେନ୍ଦ୍ର ମଲ୍ଲିକ, ସହକାରୀ ନିର୍ଦ୍ଦେଶକ, ୟୁନାଇଟେଡ଼ ନେସନ୍ସ ଅନ୍ତର୍ଜାତୀୟ ପ୍ରବାସୀ ସଂଗଠନର ଅମିତ ଚୌଧୁରୀ, ଅଙ୍କିତା ସୁରଭି, ନବନୀତା, ଋତୁମ୍ଭରା ପ୍ରିୟଦର୍ଶିନୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଏଫଏଓ, ଓ୍ୱାସନ, ଏସଏମଆରସିର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ରାଷ୍ଟ୍ରପତି ଭବନର ନିମନ୍ତ୍ରଣ ଦିଲ୍ଲୀ ଯିବେ ଲକ୍ଷପତି ଦିଦି

ଛତ୍ରପୁର, ୪।୮ : ନ୍ୟୁଜ୍ ବ୍ୟୁରୋ

ଅଗଷ୍ଟ ୧୫ ତଥା ସ୍ୱାଧୀନତା ଦିବସରେ ଦିଲ୍ଲୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ ଗଞ୍ଜାମ ଜିଲ୍ଲାର ଲକ୍ଷପତି ଦିଦି ତଥା ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ କାଳିଆବାଲି ଗ୍ରାମର ଏସ. ଜ୍ୟୋତି ରେଡ୍ଡୀ । ଏଥିଲାଗି ତାଙ୍କୁ ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ ଆସିଛି । ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ସୋମବାର ସ୍ଥାନୀୟ ଜଉଗଡ ସମ୍ମିଳନୀ କକ୍ଷଠାରେ ଏସ. ଜ୍ୟୋତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ । ଏହା ସହ ସେ ଗଞ୍ଜାମର ନାମ ରଖିଥିବା କଥା ମଧ୍ୟ ଜିଲାପାଳ ତାଙ୍କୁ କହିଛନ୍ତି । ଏହି ଅବସରରେ ଓଡ଼ିଶା ଜୀବିକା ମିଶନର ଡିପିଏମ ସନ୍ତୋଷ ରଥ ଓ ଛତ୍ରପୁର ବ୍ଲକର ବିପିଏମ ମାନୀନୀ ଜେନାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସେହିପରି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ସୂଚନାଥାଉ କି, ଏସ. ଜ୍ୟୋତି ରେଡ୍ଡୀ ନିଜେ ସାମ୍ବଲମ୍ବୀ ହେବା ସହିତ ଅନ୍ୟମାନଙ୍କୁ ରୋଜଗାର ପନ୍ଥା ଦେଖାଇଛନ୍ତି । ତାଙ୍କର କର୍ତ୍ତବ୍ୟନିଷ୍ଠ ଓ ପରିଶ୍ରମ ବଳରେ ସେ ଲକ୍ଷପତି ଦିଦି ହେବାର ସେ ସୌଭାଗ୍ୟ ଅର୍ଜନ କରିଛନ୍ତି । ସେ ପ୍ରଥମେ ୨୦୦୮ରେ ମା' ସମଲେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀରେ ସାମିଲ ହୋଇ ଘରକୁ ଘର ବୁଲି ବିଦ୍ୟୁତ ଦେୟ ସଂଗ୍ରହ କରୁଥିଲେ । ପରେ ମିଶନ ଶକ୍ତି ଜରିଆରେ ନିଜେ ଋଣ ନେଇ କୁକୁଡା ଚାଷ, ମାଛ ଚାଷ ଆଦି କରି ଉତ୍ତମ ରୋଜଗାର କରିପାରିଛନ୍ତି । (ପୃଷ୍ଠା ୭ରେ)

# ବଲଙ୍ଗା ପୀଡ଼ିତାଙ୍କ ମରଶରୀରକୁ ଦିଆଗଲା କବର

ବଲଙ୍ଗା/ପୁରୀ, ୪।୮ : ନ୍ୟୁଜ୍ ବ୍ୟୁରୋ

ଦୁଇ ସପ୍ତାହ ଧରି ସଂଘର୍ଷ ପରେ ଜୀବନ ଯୁଦ୍ଧରେ ହାରି ଯାଇଥିବା ବଲଙ୍ଗା ପୀଡ଼ିତାଙ୍କ ସୋମବାର ଅନ୍ତିମ ସଂସ୍କାର ହୋଇଛି । ସମୂହ ନମାଜପାଠ ପରେ ତାଙ୍କର ମରଶରୀରକୁ କବର ଦିଆଯାଇଛି । ଏହାପୂର୍ବରୁ ବଲଙ୍ଗାରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପହଞ୍ଚିଥିଲେ । ଗତକାଲି ମରଶରୀର ରାତି ୧୧ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା । ମୃତ ଦେହ ଏଠାରେ ପହଞ୍ଚିବା ପରେ ଅନ୍ତିମ ସତ୍କାର ପାଇଁ ତାଙ୍କ ଗ୍ରାମକୁ ନିଆଯାଇଥିଲା ।

ଗାଁରେ ମରଶରୀର ପହଞ୍ଚିବା ପରେ ଛାଇଯାଇଥିଲା ଅସମ୍ଭବ ନିରବତା । ଶୋକରେ ବୁଡିଥିଲେ ପ୍ରିୟ (ପୃଷ୍ଠା ୭ରେ)



## ମୁଁ ଇସ୍ତଫା ଦେବାକୁ ପ୍ରସ୍ତୁତ

ଭୁବନେଶ୍ୱର, ୪।୮ : ନ୍ୟୁଜ୍ ବ୍ୟୁରୋ

ବଲଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ପରେ ବିରୋଧୀ ଦଳ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଇସ୍ତଫା ଦାବି କରାଯାଇଛି । ଏହା ଉପରେ ପ୍ରତିକ୍ରିୟା ରଖି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି ମୋ ଇସ୍ତଫାରେ ଯଦି ବଲଙ୍ଗା ପୀଡ଼ିତାଙ୍କ ଜୀବନ ଫେରିପାରିବ (ପୃଷ୍ଠା ୭ରେ)

# ୭ରେ ବିଜେଡ଼ିର ହରତାଳ, କଂଗ୍ରେସର ପଦଯାତ୍ରା

ଭୁବନେଶ୍ୱର, ୪।୮
ନ୍ୟୁଜ୍ ବ୍ୟୁରୋ

ବଲଙ୍ଗା ନାବାଳିକା ପୀଡ଼ିତାଙ୍କୁ ନ୍ୟାୟ ପାଇଁ ଆସନ୍ତା ୭ ତାରିଖରେ ସକାଳ ୬ ଟା ଠାରୁ ଦିନ ୧୨ ଟା ଯାଏ ପୁରୀ ଜିଲ୍ଲାରେ ବିଜେଡି ପକ୍ଷରୁ ହରତାଳ କରାଯିବ ବୋଲି ସୋମବାର ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି ।

ପୁରୀ ଜିଲ୍ଲା ବିଜେଡ଼ି ସଭାପତି ଉମାକାନ୍ତ ସାମନ୍ତରାୟ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଦିଲ୍ଲୀ ଏମ୍ସରେ ଚିକିତ୍ସା ପାଇଁ ପୀଡ଼ିତାଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ପୀଡ଼ିତାଙ୍କ ମୃତ୍ୟୁ ଏବେ ସମ୍ପୂର୍ଣ୍ଣ ରହସ୍ୟ ଘେରରେ । ପୁଲିସର ତଦନ୍ତ ଉପରେ ବି ବିଜେଡି ପ୍ରଶ୍ନ ଉଠାଇଛି । ଘଟଣାର ସତ୍ୟାସତ୍ୟ ଯଥାଶୀଘ୍ର ସରକାର ଉନ୍ମୋଚନ କରନ୍ତୁ ବୋଲି ସେ ଦାବି କରିଛନ୍ତି । ଅନ୍ୟପକ୍ଷରେ ତୁରନ୍ତ ଏହି ଘଟଣାର ସତ୍ୟତା ସାମ୍ନାକୁ ନ ଆସିଲେ ବିଜେଡି ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ସେ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ ।





ସେହିପରି କଂଗ୍ରେସ ପକ୍ଷରୁ ମଧ୍ୟ ବଲଙ୍ଗା ପୀଡିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆସନ୍ତା ୧୪ରେ ପଦଯାତ୍ରା କରାଯିବ ବୋଲି ଓପିସିସି ସଭାପତି ଭକ୍ତ ଚରଣ ଦାସ ଘୋଷଣା କରିଛନ୍ତି ।

ଶ୍ରୀ ଦାସ ବଲଙ୍ଗା ପୀଡ଼ିତାଙ୍କର ଆକସ୍ମିକ ମୃତ୍ୟୁ ନେଇ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ସେ ନିଜେ ଚାଲିପାରୁଥିବା (ପୃଷ୍ଠା ୭ରେ)

# ଶିବୁ ସୋରେନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି



ନୂଆଦିଲ୍ଲୀ, ୪।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ନୂଆଦିଲ୍ଲୀର ସାର ଗଙ୍ଗାରାମ ହସ୍ପିଟାଲରେ ପହଞ୍ଚି ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା(ଜେଏମଏମ)ର ପ୍ରତିଷ୍ଠାତା ଶିବୁ ସୋରେନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଚିକିତ୍ସାଧୀନ ଅବସ୍ଥାରେ ସୋରେନଙ୍କର ୮୧ ବର୍ଷ ବୟସରେ ସୋମବାର ପୂର୍ବାହ୍ନରେ ପରଲୋକ ଘଟିଥିଲା । ପ୍ରଧାନମନ୍ତ୍ରୀ ତାଙ୍କ (ପୃଷ୍ଠା ୭ରେ)

# ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୪।୮

ଭାରତ ଯୋଡୋ ଯାତ୍ରା ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତୀୟ ସେନା ବିରୋଧରେ ଦେଇଥିବା ମନ୍ତବ୍ୟ ଉପରେ ସୁପ୍ରିମକୋର୍ଟ ଆପତ୍ତି ଉଠାଇଛନ୍ତି । କୋର୍ଟ କହିଛନ୍ତି ଯେ ଆପଣ କିପରି ଜାଣିଲେ ଯେ ଚୀନ୍ ୨୦୦୦ ବର୍ଗ କିଲୋମିଟର ଭୂମି ଦଖଲ କରିଛି ? କେଉଁ ବିଶ୍ୱସନୀୟ ଦଲିଲ୍ ଆଧାରରେ ଆପଣ ଏହା କହିଥିଲେ ? ଜଣେ ସଚ୍ଚା ଭାରତୀୟ ଏହା କହିବେ ନାହିଁ । ସୀମାରେ ବିବାଦ ଚାଲିଥିବା ବେଳେ ଆପଣ ଏପରି କିପରି କହିପାରିବେ ବୋଲି ପ୍ରଶ୍ନ କରିଛନ୍ତି କୋର୍ଟ । ଏହାସହିତ ସୁପ୍ରିମକୋର୍ଟ ରାହୁଲ ଗାନ୍ଧୀଙ୍କ ବିରୋଧରେ ନିମ୍ନ ଅଦାଲତରେ ଚାଲିଥିବା ଶୁଣାଣି ବର୍ତ୍ତମାନ ପାଇଁ ସ୍ଥଗିତ ରଖିଛନ୍ତି । କୋର୍ଟ ଉତ୍ତରପ୍ରଦେଶ ସରକାର ଏବଂ ଅଭିଯୋଗକାରୀ ଉଦୟଶଙ୍କର ଶ୍ରୀବାସ୍ତବଙ୍କୁ ନୋଟିସ୍ ଜାରି କରି ତିନି ସପ୍ତାହ ମଧ୍ୟରେ ଉତ୍ତର ମାଗିଛନ୍ତି । ସୀମା ସଡକ ସଂଗଠନର ପୂର୍ବତନ ନିର୍ଦ୍ଦେଶକ ଉଦୟ ଶଙ୍କର ଶ୍ରୀବାସ୍ତବ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅବମାନନା ମାମଲା ଦାୟର କରିଥିଲେ । ରାହୁଲ ଗାନ୍ଧୀ ନିମ୍ନ ଅଦାଲତ ଦ୍ୱାରା ଜାରି ସମନକୁ ବାତିଲ କରିବାକୁ ଦାବି କରିଛନ୍ତି । ୨୦୨୨ମସିହା ଡିସେମ୍ବର ୯ରେ ଭାରତ ଏବଂ ଚୀନ ସେନାଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ସମ୍ପର୍କରେ ରାହୁଲ ଗାନ୍ଧୀ ସେନା ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି ।





## ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା: ଆଉ ୨ ଗିରଫ

ବାଲେଶ୍ୱର, ୪।୮
ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଘଟଣାରେ ୨ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି । ଗିରଫଙ୍କ ମଧ୍ୟରେ ଜଣେ ଛାତ୍ର ଓ ଜଣେ ଅଣଛାତ୍ର ରହିଛନ୍ତି । ସେମାନେ ହେଲେ ଛାତ୍ରୀଙ୍କୁ ଉଦ୍ଧାର କରିଥିବା ଜ୍ୟୋତି ପ୍ରକାଶ ବିଶ୍ୱାଳ ଓ ଶୁଭ୍ର ସମ୍ବିତ ନାୟକ । ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇ ୧୫ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ଫଳରେ ଏହି ଘଟଣାରେ ମୋଟ ଗିରଫଦାରୀ ସଂଖ୍ୟା ୪ରେ ପହଞ୍ଚିଛି ।


ସୂଚନାଯୋଗ୍ୟ, ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ (ଏଚଓଡି) (ପୃଷ୍ଠା ୭ରେ)

## ଏକାଳ ପଖାଳ




ମସ୍ତ ଜିତିଲା ଟିମ୍ ଇଣ୍ଡିଆ
କେମିତି ଲାଗିଲା ଜନେ
ପାଟିଲା ମୁଣ୍ଡିଆ ବେନଷ୍ଟୋକସ୍
ନଖେଳି ପାଇଲା ପାନେ
ରଖିବ ଇଂଲଣ୍ଡ ମନେ
ଟୋକାଗୁଡା ସବୁ କଣ ନକଲେ
ଯାହାକି ନଥିଲା ଧ୍ୟାନେ ।

# ନାଇଟ୍ ସିଫ୍ଟରେ କାମ କରିବେ ମହିଳା: ସରକାରଙ୍କ ୧୧ ସୂତ୍ରୀ ଗାଇଡଲାଇନ୍ ଜାରି



ଭୁବନେଶ୍ୱର, ୪।୮
ନ୍ୟୁଜ୍ ବ୍ୟୁରୋ

ମହିଳାଙ୍କ ପାଇଁ ରୋଜଗାର ସୁଯୋଗ ବୃଦ୍ଧି କରିବା ସହିତ ସେମାନଙ୍କର ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ସରକାର (ଶ୍ରମ ଓ ରାଜ୍ୟ ବୀମା ବିଭାଗ) ପକ୍ଷରୁ ୧୧ ସୂତ୍ରୀ ଗାଇଡଲାଇନ୍ ଜାରି କରାଯାଇଛି ।

ରାଜ୍ୟରେ ମହିଳା ବିରୋଧୀ ହିଂସା ଓ ନିର୍ଯ୍ୟାତନା ମାମଲା ବୃଦ୍ଧିକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ବ୍ୟାପକ କରାଯାଉଥିବା ବେଳେ ରାଜ୍ୟ ସରକାର ମହିଳାମାନେ ରାତି ସିଫ୍ଟରେ କାର୍ଯ୍ୟ କରିବା ନେଇ ଏହି ନୂଆ ଗାଇଡଲାଇନ୍ ଜାରି କରିଛନ୍ତି । ମହିଳାଙ୍କ ପାଇଁ ରୋଜଗାର ସୁଯୋଗ ବୃଦ୍ଧି କରିବା ଏବଂ 'ଇଜ ଅଫ ଡୁଇଂ ବିଜନେସ'କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହା କରାଯାଇଛି ।

ଯଦିଓ ୨୦୨୨ ଜୁଲାଇ ୩୧ ତାରିଖରେ ଓଡ଼ିଶା ସରକାର ମହିଳାମାନଙ୍କୁ ରାତି ସିଫ୍ଟରେ କାର୍ଯ୍ୟ କରିବାକୁ ଅନୁମତି ଦେଇ 'ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ-୧୯୫୬'ର ଧାରା ୨୩କୁ କୋହଳ କରିଥିଲେ ମାତ୍ର ୨୦୨୫ ଜୁଲାଇ ୩୧ତାରିଖରେ ଜାରି ବିଜ୍ଞପ୍ତିରେ ପୂର୍ବର ଏହି ଆଦେଶକୁ ରଦ୍ଦ କରି ମହିଳାଙ୍କୁ ରାତି ସିଫ୍ଟରେ କାର୍ଯ୍ୟ କରିବା ପାଇଁ ଅନୁମତି ଦେବା ଉଦ୍ଦେଶ୍ୟରେ (ପୃଷ୍ଠା ୭ରେ)

# ୩ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୪।୮
ନ୍ୟୁଜ୍ ବ୍ୟୁରୋ

ସୋମବାର ଉତ୍ତର ଓଡ଼ିଶା ସମେତ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହୋଇଥିବା ବେଳେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଛି । ଚାନ୍ଦବାଲିରେ ସର୍ବାଧିକ ୫୨.୬ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱରରେ ୧୪.୦ ମିମି, ଭଦ୍ରକରେ ୧୦.୦ ମିମି, କେନ୍ଦ୍ରାପଡ଼ାରେ ୬.୪ ମିମି, ରାଉରକେଲାରେ ୩.୧ ମିମି, ଯାଜପୁରରେ ୧.୫ ମିମି, ଭୁବନେଶ୍ୱରରେ ୧.୪ ମିମି, ହୀରାକୁଦ ଓ ଝାରସୁଗୁଡ଼ାରେ ୦.୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି ।

ଅନ୍ୟପଟେ ଢେଙ୍କାନାଳ, ସୁନ୍ଦରଗଡ଼ ଓ ମୟୂରଭଞ୍ଜରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ୩ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ଆଶଙ୍କା ରହିଛି । ଅନ୍ୟପଟେ ବଜ୍ରପାତ ଭୟ ଥିବା ୧୭ ଜିଲାକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, (ପୃଷ୍ଠା ୭ରେ)



### ହଜାର ବର୍ଷ ପୁରୁଣା ଲିଙ୍ଗରାଜ ମନ୍ଦିର ପାଇଁ ନିଘା ନାହିଁ

# ମନ୍ଦିରରୁ ଗଳୁଛି ପାଣି, ରୋଷଘର ମରାମତି ଆରମ୍ଭ ପାଇଁ ଲାଗିଲାଣି ଦୁଇ ବର୍ଷ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଭୁ ଲିଙ୍ଗରାଜ ମନ୍ଦିର ଯାଞ୍ଚ ହେବ। ଏଥିପାଇଁ ସାଟେଲାଇଟ୍ ମାଧ୍ୟମରେ ଡିଜିପିଏଫ୍ ପ୍ରକ୍ରିୟାରେ ମନ୍ଦିରର ଡ୍ରୋନ୍ ସର୍ଭେ କରାଯାଇ ହାଇ ରିଜୋଲ୍ୟୁସନ୍‌ର ଫଟୋ ଉଠାଯିବ। ମନ୍ଦିର ଭିତର ପାର୍ଶ୍ୱର ଥ୍ରିଡି ଲେଜର ସ୍କାନିଂ ହେବ। ମନ୍ଦିରର ସୁରକ୍ଷା ଯାଞ୍ଚ ପାଇଁ ମନ୍ଦିର ଭିତରେ ୨୫୦ ଫୁଟର ଉଚ୍ଚ ଏବଂ ୫୦ ଟନ୍ ଓଜନ ବହନ କରୁଥିବା ଏକ କ୍ରେନ୍ ଏଏସ୍ଆଇ ପକ୍ଷରୁ ରଖାଯିବ। ଏଥିସହ ପାଣି ଗଳୁଥିବା ସ୍ଥାନକୁ ଚିହ୍ନଟ କରାଯାଇ ମରାମତି କରାଯିବ। ଲିଙ୍ଗରାଜ ମନ୍ଦିର ପରିସରରେ ଥିବା ସମସ୍ତ ମନ୍ଦିରର ରକ୍ଷଣାବେକ୍ଷଣ କରାଯିବ। ଲିଙ୍ଗରାଜଙ୍କ ରୋଷଘର ମଧ୍ୟ ମରାମତି କରାଯିବ। ୨୦୨୩ ଅଗଷ୍ଟରେ ଏଏସ୍ଆଇ ପକ୍ଷରୁ କିଛି ଏମିତି ଯୋଜନା ହୋଇଥିଲା। ହେଲେ ଏଯାଏ କିଛି କାମ ହୋଇପାରିନାହିଁ। ବଡ଼ କଥା ହେଲା, ଭାରତୀୟ ପ୍ରନ୍ତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଅଧିକାରୀ ଏନେଇ କିଛି ଜାଣି ନଥିବା କହିବା ଅନେକଙ୍କୁ ଚକିତ କରିଛି। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଭିତରେ ଏକାଧିକ ସ୍ଥାନରେ ପାଣି ଗଳୁଛି। ଭିତର ଓ ବାହାରେ ପଥର ନଷ୍ଟ ହେଉଛି। ମନ୍ଦିର ଭିତର କେଉଁ ଅବସ୍ଥାରେ ଅଛି ତାହା ବାହାରୁ ଜଣାପଡୁନାହିଁ। ତେଣୁ ତୁରନ୍ତ ଲିଙ୍ଗରାଜ ମନ୍ଦିରର ଭିତର ଓ ବାହାର ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ ସହ ମନ୍ଦିର ସରଂକ୍ଷଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବହୁ ଦିନ ଧରି ଦାବି ହେଉଛି। ବାରମ୍ବାର ଦାବି ପରେ ଦୁଇ ବର୍ଷ ତଳେ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ସ୍ଥିତି ଅନୁଧ୍ୟାନ ପାଇଁ ଏଏସ୍ଆଇର ନିର୍ଦ୍ଦେଶକ (ସଂରକ୍ଷଣ) ଲିଙ୍ଗରାଜ ମନ୍ଦିର ପରିଦର୍ଶନ କରି ମନ୍ଦିର ଯାଞ୍ଚ ସହ ଆବଶ୍ୟକ ପଦେକ୍ଷପ ନିଆଯିବ ବୋଲି କହିଥିଲେ। ହେଲେ ଦୁଇ ବର୍ଷ ପରେ ବି ଗୋଟେ ହେଲେ କାମ ଆରମ୍ଭ ହୋଇନାହିଁ। ହଜାର ବର୍ଷ ପୁରୁଣା ଲିଙ୍ଗରାଜ ମନ୍ଦିର କଳିଙ୍ଗ ପଞ୍ଚରଥ ଶୈଳୀରେ ତିଆରି ହୋଇଛି। ଲିଙ୍ଗରାଜ ମନ୍ଦିର ପରିସରରେ ପାଖାପାଖି ଶହେ ଛୋଟବଡ଼ ମନ୍ଦିର ରହିଛି। ଯାହା କି ବିଶ୍ୱରେ ବିରଳ। ଏହି ସବୁ ମନ୍ଦିର ଏଏସ୍ଆଇ ଅଧୀନରେ ରହିଛି। ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉ ନଥିବାରୁ ଲିଙ୍ଗରାଜ ମନ୍ଦିର ସହ ଅନ୍ୟସବୁ ମନ୍ଦିର ସ୍ଥିତି ବିଗିଡ଼ିବାରେ ଲାଗିଛି। ମୁଖ୍ୟ ମନ୍ଦିରର ବାହାର କାରୁକାର୍ଯ୍ୟ ଲିଭିଗଲାଣି। ଏକାଧିକ ସ୍ଥାନରୁ ପଥର ଭାଙ୍ଗିଗଲାଣି। ଅଧିକାଂଶ ମନ୍ଦିରରେ ପାର୍ଶ୍ୱଦେବଦେବୀ ନାହାନ୍ତି। କିଛି ମନ୍ଦିରରେ ପଥର ଫାଟ ଦେଖାଯାଉଛି। ବର୍ଷା ହେଲେ ଜଗମୋହନ, ଅରଗଳି ଓ ନାଟମଣ୍ଡପରେ ପାଣି ଗଳୁଛି। ବେଢ଼ାରେ ଥିବା ମା' ପାର୍ବତୀଙ୍କ ମନ୍ଦିର ସମେତ ପ୍ରାୟ ସବୁ ମନ୍ଦିରରେ ପାଣି ଗଳୁଛି। ରୋଷଘର ବହୁବର୍ଷ ହେବ ମରାମତି ନହେବାରୁ ସେଠାରେ ରୋ?ଷେଇ ହୋଇପାରୁନାହି। ଡ୍ରେନେଜ୍ ସମସ୍ୟାର ସମାଧାନ ହେଉନଥିବାରୁ ସାମାନ୍ୟ ବର୍ଷା ହେଲେ ସିଂହଦ୍ୱାର ଓ ବୃଷଭ(ନନ୍ଦୀ)ଘର ଭିତରେ ଥିବା ପାହାଚ ଓ ଗଣେଶ ମନ୍ଦିରରେ ପାଣି ଜମୁଛି। ଏସବୁ ସମସ୍ୟାର ସମାଧାନ ପାଇଁ ସେବାୟତ ଦାବି କରିଛନ୍ତି। ଏଏସ୍ଆଇ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ନନ୍ଦ କିଶୋର ସ୍ୱାଇଁ କହିଛନ୍ତି ପୂର୍ବରୁ କ'ଣ ନିଷ୍ପତ୍ତି ସେ ସମ୍ପର୍କରେ ମୋ ପାଖରେ ସୂଚନା ନାହିଁ। ଯେଉଁ ସ୍ଥିତିରେ ମନ୍ଦିର ଅଛି ତାକୁ କିଭଳି ରକ୍ଷଣାବେକ୍ଷଣ କରାଯିବ ତାହା ହେଉଛି ଏଏସ୍ଆଇର ଦାୟିତ୍ୱ। ତେଣୁ ଲିଙ୍ଗରାଜ ମନ୍ଦିରରେ ପାଣି ଗଳୁଥିବା ସ୍ଥାନକୁ ମରାମତି କରାଯିବ। ଖୁବ୍ ଶୀଘ୍ର ରୋଷଘର କାମ ଆରମ୍ଭ ହେବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

### 'ହରେ କୃଷ୍ଣ ହରେ ରାମ'କୁ ଅପଭ୍ରଂଶ

# ହିନ୍ଦୀ ଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କଲେ ଯୁବତୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

'ହରେ କୃଷ୍ଣ ହରେ ରାମ'କୁ କରାଯାଉଛି ବିକୃତ । ହିନ୍ଦୀ ଗୀତର ତାଳେ ତାଳେ ଏହି ଗୀତ ବୋଲାଯାଉଛି । ଆଶ୍ଚର୍ଯ୍ୟର କଥା ଏହି ଅପଭ୍ରଂଶ ହରେ କୃଷ୍ଣ ହରେ ରାମ ଗୀତ ଗାଇବା ବେଳେ ଏହାର ତାଳେ ତାଳେ କିଛି ଯୁବତୀ ନୃତ୍ୟ ପରିବେଷଣ କରୁଛନ୍ତି । ଏହି ନୃତ୍ୟରେ ମଧ୍ୟ ଆଧୁନିକତାର ସ୍ପର୍ଶ ରହିଛି । ଯାହାକୁ ଦେଖିଲେ ଲାଗୁଛି ଆମ ସଂସ୍କୃତି ଓ ପରମ୍ପରାକୁ କିଭଳି କଦର୍ଯ୍ୟ କରାଯାଉଛି । ହରେ କୃଷ୍ଣ ହରେ ରାମ ଗୀତର ଅପଭ୍ରଂଶ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାକୁ ଲାଗିଛି । ଏହି ଭିଡିଓ ଦେଖିବା ପରେ ଲୋକମାନେ ରାଗିବା ସହିତ କମେଣ୍ଟ ମାଧ୍ୟମରେ ଗାଳି ଦେଉଛନ୍ତି । କିଏ ଘୋର କଳିଯୁଗ ଲେଖିବା ବେଳେ ଆଉ କିଏ ଏଭଳି ଭଜନର ଅପମିଶ୍ରଣକୁ କିଭଳି ଗ୍ରହଣ କରୁଛନ୍ତି ଲେଖାଯାଇଛି । ହିନ୍ଦୀ ଗୀତ 'ଚୁରାକେ ଦିଲ୍ ମେରା ଗୋରିଆ ଚଲି'ର ଲିରିକ୍ସରେ ହରେ କୃଷ୍ଣ ହରେ ରାମ ଗୀତ ଗାଉଥିବା ଦେଖିବାକୁ ମିଳିଛି । କୌଣସି ଏକ ଗାଁରେ ଅଷ୍ଟପ୍ରହରି କରାଯାଉଥିବା ବେଳେ ଏହି ଗୀତ ପରିବେଷଣ କରାଯାଉଛି । ଜଣେ ପୁରୁଷ ଏହାକୁ ଗାଉଥିବା ବେଳେ ୩ରୁ ଅଧିକ ମହିଳା ନୃତ୍ୟ କରୁଛନ୍ତି । ଗାଁ ଲୋକ ମଧ୍ୟ ଏଭଳି ଏକ କାର୍ଯ୍ୟକ୍ରମ ଦେଖିବା ସହିତ ଭିଡିଓ କରୁଥିବା ଦେଖିବାକୁ ମିଳିଛି ।

# ପିଚୁ ହେବ ସବୁ ଗାଁ ରାସ୍ତା: ପ୍ରତି ନିର୍ବାଚନମଣ୍ଡଳୀକୁ ଦୁଇ କୋଟି ଲେଖାଏଁ ପାଣ୍ଠି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗାଁ ଗଣ୍ଡା ରାସ୍ତାର ବିକାଶ ହେବ । ପଞ୍ଚାୟତ, ବ୍ଲକକୁ ସଂଯୋଗ କରୁଥିବା ରାସ୍ତାକୁ ପିଚୁ କରାଯିବ । ଯେଉଁ ରାସ୍ତାଗୁଡ଼ିକ ପିଚୁ ହୋଇନଥିବ ତୁରନ୍ତ ଉନ୍ନତୀକରଣ କାମ ଆରମ୍ଭ ହେବ । ଏଥିପାଇଁ ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀକୁ ଦୁଇଟି ଆର୍ଥିକ ବର୍ଷ ପାଇଁ ୨ କୋଟି ଲେଖାଏଁ ଅନୁମୋଦନ କରିଛନ୍ତି ସରକାର । ଗ୍ରାମାଞ୍ଚଳରେ ଥିବା ୧୪୨ଟି ନିର୍ବାଚନମଣ୍ଡଳୀକୁ ଏ ସ୍ୱତନ୍ତ୍ର ପାଣ୍ଠି ମିଳିବ । ପ୍ରଥମ ବର୍ଷ ପାଣ୍ଠିରେ ୨୦ଟି ରାସ୍ତାର ନବୀକରଣ କରାଯିବ। ରାସ୍ତା ନବୀକରଣ ପାଇଁ ସର୍ବନିମ୍ନ ୫ଲକ୍ଷ ଲେଖାଏଁ ଏଷ୍ଟିମେଟ୍ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିଷ୍ପତ୍ତି ନେଇଛି । ରାଜ୍ୟର ଗ୍ରାମାଞ୍ଚଳରେ ଏବେ ବହୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିରହିଛି । ରାଜ୍ୟ ସରାକାର ଗମନାଗମନକୁ ଗୁରୁତ୍ୱ ଦେଉଥିଲାବେଳେ ଗ୍ରାମାଞ୍ଚଳର ଜନସାଧାରଣଙ୍କ ପାଇଁ ପିଚୁ ରାସ୍ତା କରିବାକୁ ଅଣ୍ଟା ଭିଡ଼ିଛନ୍ତି । କୌଣସି ଯୋଜନାରେ ନବୀକରଣ ହୋଇପାରୁନଥିବା ଗ୍ରାମ୍ୟ ରାସ୍ତାକୁ ପିଚୁ କରିବାକୁ ସ୍ଥିର ହୋଇଛି । ତେବେ ପିଏଜିଏସ୍‌ୱାଇ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କିମ୍ବା ଅନ୍ୟ କୌଣସି ରାଜ୍ୟ ଯୋଜନାରେ ନିର୍ମିତ ରାସ୍ତାର ଯଦି ୫ ବର୍ଷ ରକ୍ଷଣାବେକ୍ଷଣ ଅବଧି ଥିବ ତେବେ ଏଥିରେ ଅନ୍ତର୍ଭୁକ୍ତ ହୋଇପାରିବନି । ଏହି ରାସ୍ତା କାମ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଇଞ୍ଜିନିୟର ପ୍ଲାନ ପ୍ରସ୍ତୁତ କରିବେ । ନିର୍ବାହୀ ଯନ୍ତ୍ରୀ ଟେଣ୍ଡର କରି କାମ କରିବେ । କାମର ଗୁଣାତ୍ମକ ମାନକୁ ମଧ୍ୟ ଅଗ୍ରାଧିକାର ଦିଆଯିବ। ଏ ବାବଦକୁ ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବରାଦ ବଜେଟ ପାଣ୍ଠିରୁ ଖର୍ଚ୍ଚ ହେବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି । ଚଳିତ ଆର୍ଥିକ ବର୍ଷରେ ଦୁଇ ଆର୍ଥିକ ବର୍ଷର ପାଣ୍ଠି ଯୋଗାଣ ହେବ । ସରକାର ନିଷ୍ପତ୍ତି ନେଇଛନ୍ତି ପ୍ରସ୍ତାବିତ ରାସ୍ତାଗୁଡ଼ିକ ମଧ୍ୟରୁ ୫୦ ପ୍ରତିଶତ ସ୍ଥାନୀୟ ବିଧାୟକଙ୍କ ସୁପାରିସରେ କରାଯିବ । ବଳକା ୫୦ ପ୍ରତିଶତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗର ସୁପାରିସରେ ହେବ । ଏହି ରାସ୍ତା ଉନ୍ନତୀକରଣ ଦ୍ୱାରା ଗାଁ ଗଣ୍ଡାର ଲୋକମାନେ ସୁବିଧାରେ ଯାତାୟତ କରିପାରିବେ । ଶିକ୍ଷା, ସ୍ୱାସ୍ଥ୍ୟସେବା, ପଞ୍ଚାୟତ କିମ୍ବା ବ୍ଲକକୁ ଯିବା ଆସିବାରେ ସୁବିଧା ହେବ । ଏହାଦ୍ୱାରା ଗ୍ରାମାଞ୍ଚଳ ଲୋକମାନଙ୍କ ସାମାଜିକ ଓ ଆର୍ଥିକ ବିକାଶ ହୋଇପାରିବ ।


# ବର୍ଷା ଆଣିଲା ରୋଗ ଭୟ : କନ୍ଦାଇଲାଣି ସଂକ୍ରମିତ ଓ ଅଣସଂକ୍ରମିତ ରୋଗ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବର୍ଷା ଆଣିଛି ରାଜ୍ୟକୁ ରୋଗ ଭୟ । କୋଣ ଅନୁକୋଣରେ ବ୍ୟାପିଲାଣି ସଂକ୍ରମିତ ଓ ଅଣସଂକ୍ରମିତ ରୋଗ । ବିଭିନ୍ନ ରୋଗରେ ସଂକ୍ରମିତ ହୋଇ ରୋଗୀ ହସ୍ପିଟାଲ ଧାଇଁବାରେ ଲାଗିଛନ୍ତି। ଲୋକେ ଝାଡ଼ାବାନ୍ତିରେ ସଂକ୍ରମିତ ହୋଇ କଲବଲ ହେଉଥିଲା ବେଳେ ହଇଜାରେ ରୋଗୀଙ୍କ ଜୀବନ ଯାଉଛି । ଘରେ ଘରେ ଲୋକେ ଥଣ୍ଡା ଜ୍ୱର ଯନ୍ତଣାରେ ଭୋଗୁଛନ୍ତି । ମ୍ୟାଲେରିଆ ଆଉ ଡେଙ୍ଗୁ କାୟାବିସ୍ତାର କଲାଣି। ଜୁଲାଇ ପ୍ରଥମ ସପ୍ତାହର ରିପୋର୍ଟ ମୁତାବକ ୧ରୁ ୭ ତାରିଖ ଭିତରେ ୬ ହାଡ଼ଫୁଟି, ୫୦୭ ଡେଙ୍ଗୁ, ଗୋଟିଏ ଡିପ୍‌ଥେରିଆ, ୬ ମିଳିମିଳା ଓ ୮୯୦ ଟାଇଫଏଡ୍ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାଛଡ଼ା ରାଜ୍ୟରେ ମଶା କଲାଣି କଲବଲ । ଡେଙ୍ଗୁ ଓ ମ୍ୟାଲେରିଆରେ ଛଟପଟ ରୋଗୀ । ରାଜ୍ୟରେ ୬୨୦୦ ଜଣଙ୍କ ନିକଟରେ ମ୍ୟାଲେରିଆ ରୋଗ ଥିବା ସନ୍ଦେହ କରାଯାଇଛି । ୯୦ ଜଣ ସ୍କ୍ରବ୍ ଟାଇଫସ୍ ରୋଗୀ ଲକ୍ଷଣ ଥାଇ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ହେଲେ ଏହା ପ୍ରକୃତରେ ସ୍କ୍ରବ୍ ଟାଇଫସ୍ କି ନାହିଁ ତାହା ଜାଣିବା ପାଇଁ ଲ୍ୟାବ୍‌କୁ ନମୁନା ପଠାଯାଇଛି । ଅନ୍ୟପଟରେ ୭୪ ଜଣ ଅଚିହ୍ନା ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି । ସ୍ୱାସ୍ଥ୍ୟ ବିଭାଗ କମିଟି ଗଠନ କରି ଏହାର କାରଣ ଖୋଜୁଛି । ରାଜ୍ୟରେ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ୧୧,୧୮୦ରେ ପହଞ୍ଚିଥିଲା । କଟକ, ପୁରୀ, ଖୋର୍ଦ୍ଧା, ରାୟଗଡ଼ା, ବ୍ରହ୍ମପୁର, ଯାଜପୁର, ଢେଙ୍କାନାଳ, କେନ୍ଦୁଝର ଆଦି ଜିଲ୍ଲାରେ ଝାଡ଼ାବାନ୍ତି ଦେଖାଦେଇଛି । ଜୁଲାଇ ଆରମ୍ଭରୁ ହିଁ ଘରେ ଘରେ ଥଣ୍ଡା ଜ୍ୱର ଓ କାଶ କମିବା ନାଁ ନେଉନି । ୪୮୧୭ ଜଣ ୫ ବର୍ଷରୁ କମ୍ ପିଲାଙ୍କୁ ଜ୍ୱର ହୋଇଥିବା ବେଳେ ୩୦,୮୫୫ ଜଣ ୭ ଦିନ ହେବ ଜ୍ୱରରେ ପୀଡ଼ିତ । ୧୫୮୪ ଜଣ ପିଲାଙ୍କ ଝାଡ଼ା ଲାଗି ରହିଥିଲା । ଏହାର ନିରାକରଣ ଲାଗି ରାଜ୍ୟରେ ୪ ଜୁଲାଇରୁ ୧୧ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଛି ଜୀବାଣୁମୁକ୍ତ ଓ ସଚେତନତା ସପ୍ତାହ। ବିଶେଷ କରି ଚଳିତ ବର୍ଷା ଋତୁରେ ସମ୍ଭାବ୍ୟ ଜଳବାହିତ ଓ ଜୀବାଣୁ (ଭେକ୍ଟର) ବାହିତ ରୋଗ ପ୍ରତିରୋଧ ପାଇଁ ସ୍ୱାସ୍ଥ୍ୟ ଓ ପଞ୍ଚାୟତିରାଜ ବିଭାଗ ମିଳିତ ଭାବେ ଏହି ଅଭିଯାନ ଚଳାଇଛନ୍ତି । ଏଥିରେ ସମସ୍ତ ଗ୍ରାମ, ସ୍ୱାସ୍ଥ୍ୟ ସୁବିଧା, ସାର୍ବଜନୀନ ସ୍ଥାନ, ପାନୀୟ ଜଳ ଉତ୍ସ ଓ ଜଳାଶୟ ବିଶୋଧନ କାର୍ଯ୍ୟ ଜାରି ରହିଛି ।

# ରେଭେନ୍ସା ବିଶ୍ୱବିଦ୍ୟାଳୟରୁ କଟକଣା ପ୍ରତ୍ୟାହୃତ



**କଟକ, ନ୍ୟୁଜ ବ୍ୟୁରୋ**

କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ରୀ, ଅଧ୍ୟାପିକାଙ୍କ ପାଇଁ ପୂର୍ବ କଟକଣା ପ୍ରତ୍ୟାହାର କଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଘଣ୍ଟାଏରେ ବଦଳିଗଲା ନୋଟିସ। ସାଢ଼େ ୫ଟା ପରେ ବି କ୍ୟାମ୍ପସରେ ରହିପାରିବେ ଛାତ୍ରୀ ଓ ମହିଳା କର୍ମଚାରୀ। ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ପରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଢ଼େ ୫ଟା ପରେ ଛାତ୍ରୀ କ୍ୟାମ୍ପସ ବାହାରେ ନରହିବାକୁ ଥିଲା ପୂର୍ବ ନିର୍ଦ୍ଦେଶ।

## ରଙ୍ଗାଧର ବେହେରାଙ୍କ ଅନୁବାଦ ପୁସ୍ତକ "ଭୋଜପ୍ରବନ୍ଧ" ଉନ୍ମୋଚିତ

**କେନ୍ଦୁଝର, ନ୍ୟୁଜ**

ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ କବିବଲ୍ଲାଳଙ୍କ ଦ୍ୱାରା ରଚିତ ଭୋଜପ୍ରବନ୍ଧର ପଣ୍ଡିତ ରଙ୍ଗାଧର ବେହେରାଙ୍କ ଦ୍ୱାରା ଅନୂଦିତ ପୁସ୍ତକ ର ପାଠକାର୍ପଣ ଅନୁଷ୍ଠିତ ହୋଇ ଯାଇଛି। ଯୁଗ୍ମସମ୍ପାଦକ କବି ହରିହର ମହାନ୍ତ ପ୍ରଥମେ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ଥିଲେ। ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପଣ୍ଡିତ ସଦାଶିବ ମିଶ୍ର ଉତ୍ସବର ଉଦଘାଟନ କରି କେନ୍ଦୁଝରର ସଂସ୍କୃତ ସାହିତ୍ୟର ପରମ୍ପରା ଅତ୍ୟନ୍ତ ସମୃଦ୍ଧ ବୋଲି ମତ ଦେଇଥିଲେ । ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର୍ ରାମଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କେନ୍ଦୁଝର ସାହିତ୍ୟ ର ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରାଧ୍ୟାପକ ସୁଧାକର ଦାଶ ଉନ୍ମୋଚିତ ପୁସ୍ତକ ର ପୁଙ୍ଖାନୁପୁଙ୍ଖ ସମୀକ୍ଷଗତ ଆଲୋଚନା କରିଥିଲେ। କବି ଦେବାଶିଷ ଚକ୍ରବର୍ତ୍ତୀ କେନ୍ଦୁଝରର ଅନୁବାଦ ପରମ୍ପରା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ରଙ୍ଗଧର ବେହେରାଙ୍କ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ। କବୟିତ୍ରୀ ବିଜୟଲକ୍ଷ୍ମୀ ମହାନ୍ତିଙ୍କ ସଂଯୋଜନା ରେ ମମତା ରାଣୀ ଦାସ, ରିତାଞ୍ଜଳି ସାହୁ, ଇନ୍ଦୁମତି ପାତ୍ର, ବୀଣାପାଣି ଜେନା, ଶୋଭନା ଜେନା,ଚିନ୍ତାମଣି ମହାଳିକ, ଉମାକାନ୍ତ ବେହେରା, ବିରଞ୍ଚି ସାମନ୍ତରାୟ, ଶାନ୍ତନୁ ମହାପାତ୍ର, ଜିତେନ୍ଦ୍ର ପରିଡ଼ା, ଦେବଦର୍ଶନ ଦାଶ,ମଧୁସୁଦନ ମିଶ୍ର,ପ୍ରାଧ୍ୟାପକ ଜଗନ୍ନାଥ ଜେନା,ଲିପିକା ପଟ୍ଟନାୟକ, ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ରନ୍ ମଞ୍ଜରୀ ରାଉତ, ସୁଭଦ୍ରା ମହାନ୍ତ, ରୂପଶ୍ରୀ ଗନ୍ତାୟତ, ମୀନତି ମିଶ୍ର, ଭାବିପ୍ରିୟା ସାହୁ,ଧ୍ରୁବାନନ୍ଦ ରାଉତ, ମନରଞ୍ଜନ ମହାନ୍ତି, ସୁଜିତ କୁମାର ମିଶ୍ର, ହରେକୃଷ୍ଣ ବେଜ , ଦେବଦତ୍ତ ଦେହୁରୀ, ମାୟାଧର ନାୟକ, ତ୍ରିଲୋଚନ ଦାସ ପ୍ରମୁଖ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟନିର୍ବାହୀ ସଦସ୍ୟ କବି ଜିତେନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ମଦରୁ ବ୍ୟାପୁଛି କ୍ୟାନସର, ବୋତଲରେ ଲଗାନ୍ତୁ ଚେତାବନୀ ଷ୍ଟିକର : ଏମ୍ସ ବିଶେଷଜ୍ଞ

**ନୂଆଦିଲ୍ଲୀ:**

ମଦରୁ ବ୍ୟାପୁଛି କ୍ୟାନସର। ବୋତଲରେ ଲଗାନ୍ତୁ ଚେତାବନୀ ଷ୍ଟିକର। ବିଶେଷଜ୍ଞଙ୍କ ପରାମର୍ଶ, ତମ୍ବାଖୁ ଭଳି ମଦରେ କ୍ୟାନସର ତତ୍ତ୍ୱ ରହିଛି। ହେଲେ ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ଅଭାବ ରହିଛି। ତେଣୁ ତମ୍ବାଖୁ ଭଳି ମଦ ବୋତଲରେ ଚେତାବନୀ ଥିବା ଲେବୁଲ ଲଗାଯିବା ନିହାତି ଜରୁରୀ। ଦିଲ୍ଲୀ ଏମ୍ସର ରାଡିଏସନ୍ ଆଙ୍କୋଲୋଜୀ ବିଭାଗର କ୍ୟାନସର ବିଶେଷଜ୍ଞ ଡ. ଅଭିଷେକ ଶଙ୍କର, ଡ. ବୈଭବ ସାହାଣୀ ଏବଂ ଡ. ଦୀପକ ସୈନୀଙ୍କ ଦ୍ୱାରା ଲେଖାଯାଇଥିବା ଏକ ରିସର୍ଚ୍ଚରେ ଏହି ପରାମର୍ଶ ଦିଆଯାଇଛି। ବିଶେଷଜ୍ଞଙ୍କ ଅନୁଯାୟୀ, ମଦ ବୋତଲରେ ସାକ୍ଷ୍ୟ ଆଧାରିତ ଚେତାବନୀ ଥିବା ଲେବୁଲ ଲଗାଗଲେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ିବ। ଏହାଦ୍ୱାରା କ୍ୟାନସର ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବ। ସବୁ ବର୍ଗର ଲୋକମାନେ ସଚେତନ ହୋଇପାରିବେ। ଭାରତରେ ଏବେ ତୀବ୍ର ଗତିରେ କ୍ୟାନସର ମାମଲା ବୃଦ୍ଧି ପାଇବାରେ ଲାଗିଛି। ୨୦୧୨ ରୁ ୨୦୨୨ ମଧ୍ୟରେ କ୍ୟାନସର ମାମଲା ୩୬ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୨ରେ ଦେଶରେ ପ୍ରାୟ ୧୪.୧ ଲକ୍ଷ ନୂଆ କ୍ୟାନସର ମାମଲା ଚିହ୍ନଟ ହୋଇଛି। ଗତ ୫ ବର୍ଷ ଭିତରେ ୩୨.୫ ଲକ୍ଷ ରୋଗୀ ଚିହ୍ନଟ ହୋଇଥିବା ବେଳେ ୯ ଲକ୍ଷ ୧୬ ହଜାର ୮୨୭ ଜଣଙ୍କର ମୃତ୍ୟୁ ହୋଇଛି। ମଦ୍ୟପାନ ଯୋଗୁଁ ହେଉଥିବା ରୋଗ ଯୋଗୁଁ ଲୋକଙ୍କ ବୟସ ହାରାହାରି ୬.୬ ବର୍ଷ ହ୍ରାସ ପାଇଛି।

# କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ : ସ୍କୁଲରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦିଆଯିବ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍କୁଲର ସୁରକ୍ଷା ଯାଞ୍ଚ ବାଧ୍ୟତାମୂଳକ । ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦିଆଯିବ ଗୁରୁତ୍ୱ । ସେହିପରି ସେମାନଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦିଆଯିବା ସହ କୌଣସି ଜରୁରିକାଳୀନ ପରିସ୍ଥିତି ମୁକାବିଲା କରିବାକୁ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯିବ । ସ୍କୁଲ କୋଠାର ଗଠନାତ୍ମକ ଦୃଢ଼ତାଠୁ ଆରମ୍ଭ କରି ବିଦ୍ୟୁତ୍ ଉପକରଣର ନିରାପତ୍ତା, ଅଗ୍ନି ନିର୍ବାପକ ବ୍ୟବସ୍ଥା ଆଦି ଯାଞ୍ଚ କରାଯିବ। ଏନେଇ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ନିକଟରେ ରାଜସ୍ଥାନର ଏକ ସରକାରୀ ସ୍କୁଲର କୋଠା ଭୁଶୁଡ଼ି ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୮ ଜଣ ଆହତ ହୋଇଥିଲେ। ଆଉ ଏହି ଘଟଣା ପରଠୁ ପିଲାଙ୍କ ସୁରକ୍ଷାକୁ ନେଇ ଚିନ୍ତାବ୍ୟକ୍ତ କରିଛି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଅ। ନିୟମିତ ବ୍ୟବଧାନରେ ସ୍କୁଲର ସୁରକ୍ଷା ଯାଞ୍ଚ କର । ଜାତୀୟ ସୁରକ୍ଷା କୋଡ୍ ଅନୁଯାୟୀ ସ୍କୁଲ କର୍ତ୍ତୃପକ୍ଷ ନିୟମ ମାନୁଛନ୍ତି କି ନାହିଁ ଯାଞ୍ଚ ହେବ । ବିପର୍ଯ୍ୟୟ ପରିଚାଳନା ମାର୍ଗଦର୍ଶିକା କଡ଼ାକଡ଼ି ପାଳନ ହେବ । ମନ୍ତ୍ରଣାଳୟ ୫ଟି ପ୍ରସ୍ତାବ ମଧ୍ୟ ଦେଇଛି । ଏଥିରେ ରହିଛି ପ୍ରତିରୋଧକ ସୁରକ୍ଷା ବ୍ୟବସ୍ଥା ଅନୁପାଳନ। ଏଥିରେ ପିଲା, ଅଭିଭାବକ ଓ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନର ସୁରକ୍ଷା ଯାଞ୍ଚ କରାଯିବ ।

# ଲାଇବ୍ରେରି ପାଠପଢ଼ି ବେକାର: ପ୍ରତି ବର୍ଷ ବାହାରୁଛନ୍ତି ୬ରୁ ୭ ହଜାର ଲାଇବ୍ରେରିଆନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରତିବର୍ଷ ଓଡ଼ିଶାରୁ ୬ରୁ ୭ ହଜାର ଲାଇବ୍ରେରିଆନ୍ ବାହାରୁଛନ୍ତି। କିଏ ସ୍ନାତକରେ ତ ଆଉ କିଏ ସ୍ନାତକୋତ୍ତର ପାଠ୍ୟକ୍ରମ ଶେଷ କରୁଛନ୍ତି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଡିଗ୍ରି ହାସଲ କରୁଥିଲେ ମଧ୍ୟ ଚାକିରି ପାଉ ନାହାନ୍ତି। ଘରୋଇ କ୍ଷେତ୍ରରେ ଯାହା କିଛି ସୁଯୋଗ ରହିଥିବା ବେଳେ ସରକାରୀ କ୍ଷେତ୍ରରେ ଆଦୌ ପଦବୀ ସୃଷ୍ଟି ହେଉ ନାହିଁ। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗ୍ରନ୍ଥାଗାରରେ ଖାଲିପଡ଼ିଥିବା ଗ୍ରନ୍ଥାଗାରିକ ପଦବି ପୂରଣ କରିବାକୁ ପୂର୍ବ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ ହୋଇପାରି ନ ଥିଲା। ବର୍ତ୍ତମାନ ସରକାର ସମୟରେ ମଧ୍ୟ ସମାନ ସ୍ଥିତି ଉପୁଜିଛି। କ୍ଷମତାକୁ ଆସିବାର ଗୋଟିଏ ବର୍ଷ ବିତିଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ହତାଶା ଭାବ ସୃଷ୍ଟି ହୋଇଛି। ୪୮୮ ବର୍ଗ ବେସରକାରୀ ମହାବିଦ୍ୟାଳୟ ପାଇଁ ମଞ୍ଜୁରପ୍ରାପ୍ତ ୨୫୭ ସହାୟକ ଲାଇବ୍ରେରିଆନ୍ ପଦବି ମଧ୍ୟରୁ ୧୬୨ ଏବଂ ୧୧୩ଟି କନିଷ୍ଠ ଲାଇବ୍ରେରିଆନ୍ ମଧ୍ୟରୁ ୧୦୧ଟି ଖାଲି ପଡ଼ିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଠାଗାରରେ ଶତାଧିକ ଲାଇବ୍ରେରିଆନ୍ ପଦବି ଖାଲି ପଡିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ସରକାର ସମୟରେ ୧୦୬ଟି ଲାଇବ୍ରେରିଆନ୍ ପଦବି ସୃଷ୍ଟି ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଜ୍ଞପ୍ତି ବାହାରିପାରି ନାହିଁ। ବୈଷୟିକ ଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗ ଅଧୀନ ଶିକ୍ଷାନୁଷ୍ଠାନରେ ଖାଲି ପଡ଼ିଥିବା ପଦବିଗୁଡ଼ିକ ପୂରଣ ଦିଗରେ ସରକାରଙ୍କ ଆନ୍ତରିକତା ନ ଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ ଅନେକ ପିଲା ଚାକିରି ଆଶା ନେଇ ଲାଇବ୍ରେରି ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରୁଛନ୍ତି। କିନ୍ତୁ ସାରା ରାଜ୍ୟର ପାଠାଗାରରେ ପଦବି ଖାଲିପଡ଼ିଥିଲେ ମଧ୍ୟ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଉ ନାହିଁ। ଇତିମଧ୍ୟରେ ଚାକିରି ଆଶାରେ ଅନେକଙ୍କ ବୟସ ଗଡ଼ିଗଲାଣି। ଜିଲ୍ଲା ପାଠାଗାର, ସମନ୍ୱିତ ପାଠାଗାର, ସ୍ମାରକୀ ପାଠାଗାର, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଉପଯୁକ୍ତ ଭିତ୍ତିଭୂମିର ଅଭାବ ସହ ଖାଲିଥିବା ପଦବିଗୁଡ଼ିକ ପୂରଣ ହେଉ ନାହିଁ। ବଲାଙ୍ଗୀର, ରାୟଗଡ଼ା, ବାଲେଶ୍ୱର, କୋରାପୁଟ, ସୁନ୍ଦରଗଡ଼, କଟକ, ବରଗଡ଼, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ଢେଙ୍କାନାଳ, ପୁରୀ, କଳାହାଣ୍ଡି, ଅନୁଗୁଳ ପରି ଜିଲ୍ଲା ପାଠାଗାରରେ ଗ୍ରନ୍ଥାଗାରିକ ପଦବି ଖାଲି ପଡ଼ିଛି। ଭଦ୍ରକ ଓ ଝାରସୁଗୁଡା ଜିଲ୍ଲା ପାଠାଗାର ପାଇଁ କୌଣସି ପଦବି ମଞ୍ଜୁର ହୋଇନାହିଁ। ଆଶାୟୀମାନେ ଅଭିଯୋଗ କରିଛନ୍ତି ଯେ ପୂର୍ବ ସରକାର ସମୟରେ ୫-ଟି କାର୍ଯ୍ୟକ୍ରମ ମାଧ୍ୟମରେ ଉଚ୍ଚ ବିଦ୍ୟାଳୟ(ହାଇସ୍କୁଲ)ରେ ଅତ୍ୟାଧୁନିକ ଲାଇବ୍ରେରି ପ୍ରତିଷ୍ଠା ହୋଇଛି। ପ୍ରାୟ ୭,୫୦୦ ବିଦ୍ୟାଳୟରେ ଲାଇବ୍ରେରି ନିର୍ମାଣ ହୋଇଥିଲେ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଲାଇବ୍ରେରିଆନ୍ ନ ଥିବାରୁ ପିଲାମାନେ ପଢ଼ିପାରୁ ନାହାନ୍ତି। ଶିକ୍ଷକମାନେ ପିଲାଙ୍କୁ ସମୟ ଦେଉନାହାନ୍ତି।

# ସେମିକଣ୍ଡକ୍ଟର ପାୱାର ହାଉସ୍ ହେବ ଭାରତ



**ନୂଆଦିଲ୍ଲୀ :**

ଭାରତରେ ବିଶ୍ୱର ପ୍ରାୟ ୨୦% ଚିପ୍ ଡିଜାଇନ୍ ଇଞ୍ଜିନିୟର ଅଛନ୍ତି । ଏହାକୁ ନଜରରେ ରଖି ଘରୋଇ ବଜାରରେ ଏକ ସ୍ୱୟଂସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ବିକାଶ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ଦିଗରେ ଜୋରଦାର ଉଦ୍ୟମ ହେଉଥିବା କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ ଲୋକସଭାରେ ସୂଚନା ଦେଇଛନ୍ତି । ଶ୍ରୀ ପ୍ରସାଦ କହିଛନ୍ତି, ପ୍ରମୁଖ ସେମିକଣ୍ଡକ୍ଟର କମ୍ପାନିଗୁଡ଼ିକ ଭାରତରେ ଚିପ୍ ଡିଜାଇନ୍ ଏବଂ ଗବେଷଣା କେନ୍ଦ୍ର ସ୍ଥାପନ କରିଛନ୍ତି। ଭାରତରେ ଡିଜାଇନ୍ ହୋଇଥିବା ଥ୍ରୀ ଏନ୍‌ଏମ୍ ସେମିକଣ୍ଡକ୍ଟର ଚିପ୍ ନିକଟରେ ଉନ୍ମୋଚିତ ହୋଇଥିଲା । ଏହା ଭାରତୀୟ ଇଞ୍ଜିନିୟରମାନଙ୍କର ବୈଷୟିକ କ୍ଷମତା ଏବଂ ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପରେ ଭାରତୀୟ ଡିଜାଇନ୍ କେନ୍ଦ୍ରଗୁଡ଼ିକର ଗୁରୁତ୍ୱକୁ ପ୍ରଦର୍ଶନ କରୁଛି। ସେ ଆହୁରି କହିଛନ୍ତି, ସେମିକଣ୍ଡକ୍ଟର ଚିପ୍ ଡିଜାଇନରେ ପ୍ରତିଭା ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଭିଏଲ୍‌ଏସ୍ଆଇ ଡିଜାଇନ୍ ଏବଂ ପ୍ରଯୁକ୍ତି, ସମନ୍ୱିତ ସର୍କିଟ୍ (ଆଇସି) ଉତ୍ପାଦନ ପାଇଁ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଦ୍ୱାରା ନୂତନ ପାଠ୍ୟକ୍ରମ ପ୍ରଚଳନ କରାଯାଇଛି । ସେମିକଣ୍ଡକ୍ଟର ଡିଜାଇନ୍ କ୍ଷେତ୍ରରେ ୮୫ ହଜାର କୁଶଳୀ ଶ୍ରମଶକ୍ତି ଏବଂ ସେମିକଣ୍ଡକ୍ଟର ଚିପ୍ ଡିଜାଇନ୍ କରିବା ପାଇଁ ଇଡିଏ ଉପକରଣ ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି । ବର୍ତ୍ତମାନସୁଦ୍ଧା ୧୦୦ଟି ପ୍ରତିଷ୍ଠାନରୁ ୪୫ ହଜାରରୁ ଅଧିକ ଛାତ୍ର ପଞ୍ଜୀକୃତ ହୋଇଛନ୍ତି । ଏହାବ୍ୟତୀତ ଏନ୍‌ଆଇଇଏଲ୍‌ଟି କାଲିକଟରେ ଦକ୍ଷ ମାନବ ସମ୍ବଳ ଉନ୍ନତ ଗବେଷଣା ଓ ତାଲିମ (ସ୍ମାର୍ଟ) ଲ୍ୟାବ୍ ଦେଶବ୍ୟାପୀ ୧ ଲକ୍ଷ ଇଞ୍ଜିନିୟରଙ୍କୁ ତାଲିମ ଦେଉଛି । ବର୍ତ୍ତମାନ ସୁଦ୍ଧା ୪୪ ହଜାରରୁ ଅଧିକ ଇଞ୍ଜିନିୟର ତାଲିମ ନେଇସାରିଛନ୍ତି । ବିଭିନ୍ନ ଶିଳ୍ପ ସଂସ୍ଥା ଏବଂ ଲାମ୍ ରିସର୍ଚ୍ଚ, ଆଇବିଏମ୍ ଓ ବିଶ୍ୱବିଦ୍ୟାଳୟ ସହ ସହଭାଗିତା ସ୍ଥାପନ କରାଯାଇଛି। ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ଡିଜାଇନ୍ କମ୍ପାନୀଗୁଡ଼ିକ ଏବେ ଅତ୍ୟାଧୁନିକ ଚିପ୍ ଡିଜାଇନ୍ କରିବା ପାଇଁ ଭାରତରେ ସେମାନଙ୍କର କାର୍ଯ୍ୟବଳକୁ ଦ୍ରୁତ ଗତିରେ ବିସ୍ତାର କରୁଛନ୍ତି । କେନ୍ଦ୍ର ସରକାର ୭୬ ହଜାର କୋଟି ଟଙ୍କା ବ୍ୟୟବରାଦ ସହ ସେମିକଣ୍ଡକ୍ଟର ଇଣ୍ଡିଆ କାର୍ଯ୍ୟକ୍ରମକୁ ମଞ୍ଜୁରୀ ଦେଇଛନ୍ତି । ଛଅଟି ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ୨୨ ଡିଜାଇନ୍- ଆଧାରିତ ପ୍ରୋତ୍ସାହନ (ଡିଏଲ୍ଆଇ) ପ୍ରକଳ୍ପକୁ ଅନୁମୋଦନ ମିଳିଛି । ୭୨ଟି କମ୍ପାନୀକୁ ଚିପ୍ ଡିଜାଇନ୍ ଭିତ୍ତିଭୂମି ଯଥା ଇଡିଏ ଉପକରଣ ଏବଂ କ୍ୟାଡେନ୍ସ, ସିମେନ୍ସ ଇତ୍ୟାଦିରୁ ଏଫପିଜିଏ ବୋର୍ଡ ପ୍ରଦାନ କରାଯାଇଛି । ପୋଷ୍ଟ ସିଲିକନ୍ ବୈଧତା ଏବଂ ପରୀକ୍ଷଣ ଓ ପ୍ୟାକେଜିଂ ସହାୟତା ପାଇଁ ମଧ୍ୟ ସୁବିଧା ଯୋଗାଇ ଦିଆଯାଉଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରସାଦ ସୂଚନା ଦେଇଛନ୍ତି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ପ୍ରଦୂଷଣକାରୀ ଜୀବାଶ୍ମ ବଢ଼ାଉଛି ପ୍ରଦୂଷଣ

ଉଭୟ ବଜାର ଓ ପରିବେଶ ଦୃଷ୍ଟିରୁ କୋଇଲା ଆଧାରିତ ପ୍ରକଳ୍ପରେ ନିବେଶ କରିବା ବିପଜ୍ଜନକ; ଏହା ସତ୍ତ୍ୱେ ଭାରତୀୟ ବ୍ୟାଙ୍କଗୁଡ଼ିକ କୋଇଲା ଭଳି ପ୍ରଦୂଷଣକାରୀ ଜୀବାଶ୍ମ ଇନ୍ଧନରେ ନିବେଶ ଜାରି ରଖିଛନ୍ତି । ବେଙ୍ଗାଲୁରୁର ଥିଙ୍କ୍ ଟ୍ୟାଙ୍କ୍ 'କ୍ଲାଇମେଟ୍ ରିସ୍କ ହରାଇଜନ୍ସ' ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରୁ ଏହା ଜଣାପଡ଼ିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଚରମ ଉତ୍ତାପ ଓ ପ୍ରବଳ ବୃଷ୍ଟିପାତ ଘଟଣା ବୃଦ୍ଧି ପାଉଥିବାରୁ ଜୀବାଶ୍ମ ଇନ୍ଧନ ବ୍ୟବହାର ହ୍ରାସ ଅପରିହାର୍ଯ୍ୟ ହୋଇପଡ଼ିଛି, କାରଣ କୋଇଲା ଭଳି ଇନ୍ଧନ ଦହନ ପରିବେଶକୁ ପ୍ରଚୁର ମାତ୍ରାରେ ଅଙ୍ଗାରକାମ୍ଳ ଗ୍ୟାସ୍ ଛାଡ଼ିଥାଏ । ତେଣୁ ଭାରତ ସମେତ ଅନେକ ଦେଶ ଧୀରେ ଧୀରେ ପ୍ରଦୂଷଣକାରୀ ଜୀବାଶ୍ମ ଇନ୍ଧନ ବ୍ୟବହାର ତ୍ୟାଗ କରି ସୌର ଶକ୍ତି ପରି ସ୍ୱଚ୍ଛ ଇନ୍ଧନ ଆଡ଼କୁ ଅଗ୍ରସର ହେବାର ଲକ୍ଷ୍ୟ ରଖିଛନ୍ତି । ତେବେ ଉପରୋକ୍ତ ରିପୋର୍ଟ ଏହାର ବିପରୀତ ଧାରା ପ୍ରତି ଇଙ୍ଗିତ କରୁଛି- ବିଜୁଳି ଉତ୍ପାଦନ ଓ ଶିଳ୍ପ ଚାହିଦା ପୂରଣ କରୁଥିବା କୋଇଲା କ୍ଷେତ୍ରକୁ ଭାରତର ସରକାରୀ ଓ ବେସରକାରୀ ବ୍ୟାଙ୍କଗୁଡ଼ିକ ଋଣ ଓ ସବ୍‌ସିଡି ପ୍ରଦାନ ଜାରି ରଖିଛନ୍ତି । ୨୦୧୬ରୁ ୨୦୨୩ ମସିହା ମଧ୍ୟରେ ଏସ୍‌ବିଆଇ, ଏକ୍ସିସ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଭଳି ଋଣ ପ୍ରଦାନକାରୀ ସଂସ୍ଥା କୋଇଲା ପ୍ରକଳ୍ପରେ ୨୯ ବିଲିଅନ୍ ଡଲାର ନିବେଶ କରିଛନ୍ତି । ସେ ମଧ୍ୟରୁ ୧୫.୨ ବିଲିଅନ୍ ଡଲାର ଋଣ ହିସାବରେ ଏବଂ ୧୩.୫ ବିଲିଅନ୍ ଡଲାର ଅଣ୍ଡର ରାଇଟିଂ ସର୍ଭିସ୍ ସୂତ୍ରରେ ଦିଆଯାଇଥିଲା ।

ଅଣ୍ଡରରାଇଟିଂ ସର୍ଭିସ୍ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ବ୍ୟାଙ୍କମାନଙ୍କୁ ଋଣ ପରିଶୋଧର ଗ୍ୟାରେଣ୍ଟି ମିଳିଥାଏ । ୨୦୨୧ରୁ ୨୦୨୩ ମଧ୍ୟରେ କୋଇଲାରେ ନିବେଶ ହୋଇଥିବା ସମୁଦାୟ ଅର୍ଥର ୨.୩% ଭାରତ ଦ୍ୱାରା କରାଯାଇଥିଲା, ଯେଉଁ ଦୃଷ୍ଟିରୁ ଭାରତ ହେଉଛି କୋଇଲାରେ ନିବେଶ କରୁଥିବା ଶୀର୍ଷ ସାତଟି ଦେଶ ମଧ୍ୟରୁ ଗୋଟିଏ । ଉପରୋକ୍ତ ରିପୋର୍ଟ ଅନୁସାରେ ଭାରତର ସରକାରୀ ବ୍ୟାଙ୍କଗୁଡ଼ିକ କୋଇଲା କ୍ଷେତ୍ରକୁ ମିଳିଥିବା ଋଣର ୭୫% ପ୍ରଦାନ କରିଥିବା ବେଳେ ଘରୋଇ ବ୍ୟାଙ୍କଗୁଡ଼ିକ ଅଣ୍ଡରରାଇଟିଂର ୮୩% ପ୍ରଦାନ କରିଥିଲେ । ତେବେ ଭାରତର ମାତ୍ର ତିନିଟି ବ୍ୟାଙ୍କ କୋଇଲା କ୍ଷେତ୍ରରେ ନିବେଶ ନ କରିବାର ନୀତିଗତ ନିଷ୍ପତ୍ତି ନେଇଛନ୍ତି, ସେଗୁଡ଼ିକ ହେଲେ ଫେଡେରାଲ୍ ବ୍ୟାଙ୍କ, ଆରବିଏଲ୍ ବ୍ୟାଙ୍କ ଓ ସୂର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ । ଏହି ରିପୋର୍ଟରେ କୁହାଯାଇଛି ଯେ ନବୀକରଣଯୋଗ୍ୟ କ୍ଷେତ୍ରରୁ ବିଦ୍ୟୁତ୍ ଉତ୍ପାଦନ ଖର୍ଚ୍ଚ କୋଇଲା ତୁଳନାରେ କମ୍ ହୋଇସାରିଥିବା ଏବଂ କଠୋର ପରିବେଶ ନୀତି ଯୋଗୁଁ କୋଇଲାରେ ନିବେଶ ବିପଦପୂର୍ଣ୍ଣ । ତେଣୁ ଭାରତୀୟ ବ୍ୟାଙ୍କଗୁଡ଼ିକ କୋଇଲା ଉପଯୋଗ ତ୍ୟାଗ ନୀତି କାର୍ଯ୍ୟକାରୀ କରି ସକ୍ରିୟ ଭାବେ ନବୀକରଣଯୋଗ୍ୟ କ୍ଷେତ୍ରରେ ନିବେଶ କରିବା ଉଚିତ, ଯାହା ଦେଶର ବିଦ୍ୟୁତ୍ ଶକ୍ତି ସୁରକ୍ଷା, ଆର୍ଥିକ ସ୍ଥିରତା ଓ ବିକାଶର ଗତିକୁ ବଳ ଦେବ ବୋଲି ରିପୋର୍ଟର ସହ-ଲେଖକ ସାଗର ଅସପୁର କହନ୍ତି ।

# ସାହିତ୍ୟ, କଳା, ଆଧ୍ୟାତ୍ମିକତା ଓ ସୌନ୍ଦର୍ଯ୍ୟ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ୧୯୦୯ ବର୍ଷରେ ଗୋଟେ ଅଚାନକ ଘଟଣା ଘଟିଲା ଯାହା ଫଳରେ କେବଳ ଫରାସୀ ସାହିତ୍ୟ ନୁହଁ ବିଶ୍ୱ ସାହିତ୍ୟର ଇତିହାସ ବଦଳିଗଲା । ମଧ୍ୟବିତ୍ତ ଶ୍ରେଣୀର ଇହୁଦୀ ପିତାମାତାଙ୍କର ଜଣେ ୩୮ ବର୍ଷ ବୟସର ପୁଅ, ଯିଏ ତାଙ୍କ ଜୀବନର ବିଶାଳ ଭାଗ ଜଣେ ଶଯ୍ୟାଶାୟୀ ରୋଗୀ ଭାବରେ ଅତିବାହିତ କରିଥିଲେ, କୌଣସି ରୋଜଗାରକ୍ଷମ କର୍ମ କରୁନଥିଲେ, ସାମାଜିକ ପତ୍ରପତ୍ରିକା ପାଇଁ ସୌଖିନ୍ ଅଥଚ ଅନୁରାଗୀ ସାମ୍ବାଦିକ ଥିଲେ, ଅଭିଜାତବର୍ଗଙ୍କୁ ପ୍ରଶଂସା କରୁଥିଲେ, ଜଣେ ଅପବ୍ୟୟୀ ଥିଲେ ଓ ସୌଖୀନ୍ ରାତିକ୍ଲବ୍‌କୁ ଯାଇ ପରିଚାରକମାନଙ୍କୁ ଶତକଡ଼ା ୨୦୦ ଅର୍ଥ ଦେଉଥିଲେ, ସେ ତାଙ୍କ ଯୁଗର ସାମାଜିକ ଆଚାର ବିଚାରକୁ ଚିତ୍ରଣ କରି ଗୋଟେ ଉପନ୍ୟାସ ଲେଖା ଆରମ୍ଭ କଲେ, ଯାହା ଶେଷରେ ୭ଖଣ୍ଡରେ ପ୍ରକାଶିତ ହେଲା, ପୃଷ୍ଠା ସଂଖ୍ୟା ଥିଲା ସମୁଦାୟ ୪,୨୧୫, ଚରିତ୍ର ସଂଖ୍ୟା ୨,୦୦୦, ସର୍ଜନଶୀଳ କଳ୍ପନାର ସୀମାହୀନ କ୍ଷେତ୍ରରେ ଥିଲା ଏକ ସ୍ମାରକୀୟ, ଚିର ସ୍ମରଣୀୟ ସୀମାଚିହ୍ନ । ସେ ଥିଲେ ମାର୍ସେଲ୍ ପ୍ରାଉଷ୍ଟ, ତାଙ୍କ ମହାନ୍ କଳାକୃତିର ଇଂରାଜୀ ଅନୁବାଦର ଶୀର୍ଷକ ଥିଲା 'ଇନ୍ ସର୍ଚ୍ଚ ଅଫ୍ ଲଷ୍ଟ ଟାଇମ୍' । ପ୍ରଥମ ପ୍ରକାଶକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ପ୍ରାଉଷ୍ଟ ନିଜେ ଅର୍ଥ ଖର୍ଚ୍ଚ କରି ୧ମ ଖଣ୍ଡ ପ୍ରକାଶ କଲେ ୧୯୧୩ ବର୍ଷରେ, ତାଙ୍କ ଜୀବଦ୍ଦଶାରେ ଅନ୍ୟ ଜଣେ ପ୍ରକାଶକ ଆଉ ୩ଖଣ୍ଡ ପ୍ରକାଶ କଲେ, ୫୧ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା, ତା'ପରେ ଶେଷ ୩ ଖଣ୍ଡ ପ୍ରକାଶ ପାଇଲା ।

ଆଜି ପ୍ରାଉଷ୍ଟ ହେଉଛନ୍ତି ଜଣେ ସାରସ୍ୱତ କିମ୍ବଦନ୍ତୀ । ସମସ୍ତେ ଜାଣନ୍ତି, ତାଙ୍କର ମହାନ କଥା ସେ ପିଲାଦିନେ ଖାଉଥିବା ମାଡେଲିନ୍ କେକ୍ ବା ନଡ଼ିଆ, ଜାମ୍‌ରେ ତିଆରି କେକ୍‌ର ସ୍ୱାଦ ଦ୍ୱାରା ପ୍ରେରିତ ହୋଇଛି। କିନ୍ତୁ ଖୁବ୍ କମ୍ ଲୋକ ତାଙ୍କ ବିପୁଳ ଉପନ୍ୟାସକୁ ପଢ଼ିବାର ଅତ୍ୟନ୍ତ କଠିନ କାର୍ଯ୍ୟ କରିଛନ୍ତି, ଯେଉଁ ଉପନ୍ୟାସକୁ ଗ୍ରାହାମ୍ ଗ୍ରୀନ୍ କହିଛନ୍ତି, 'ବିଂଶ ଶତାବ୍ଦୀର ମହତ୍ତମ ଔପନ୍ୟାସିକଙ୍କ ସର୍ଜନା', ଓ ସମରସେଟ୍ ମମ୍ କହନ୍ତି, 'ଏ ପର୍ଯ୍ୟନ୍ତ ଲେଖାଯାଇଥିବା ମହତ୍ତମ ଉପନ୍ୟାସ'। ଏବେ ଆଲେନ୍ ଡି ବଟନ୍ 'ପ୍ରାଉଷ୍ଟିଆନିଜିମ୍' ଅର୍ଥାତ୍ ପ୍ରାଉଷ୍ଟଙ୍କୁ ଘେରି ରହିଥିବା ରହସ୍ୟ ସମ୍ବନ୍ଧରେ ଗୋଟେ 'ତୁ-ଇଟ୍-ଇଓରସେଲ୍‌ଫ୍ ମ୍ୟାନୁଆଲ୍' ଲେଖିଛନ୍ତି, ଯା'ର ଶୀର୍ଷକ 'ହାଓ ପ୍ରାଉଷ୍ଟ କ୍ୟାନ୍ ଚେଞ୍ଜ୍ ଇଓର୍ ଲାଇଫ୍ : ନଟ୍ ଏ ନଭେଲ୍' । ଉଭୟ ପ୍ରାଉଷ୍ଟ ଓ ବଟନ୍ ଖୁବ୍ ବିଦ୍ୱାନ, ସମ ପରିମାଣରେ ରୋଚକ, ମନୋରଂଜକ । ବଟନ୍‌ଙ୍କ ଦ୍ୱାରା ଲିଖିତ ପ୍ରାଉଷ୍ଟଙ୍କ ସମ୍ବନ୍ଧୀୟ ଉପକ୍ରମ ମନୋଯୋଗର ସହିତ ପଠନୀୟ ଏକ ସାରସ୍ୱତ ଜୀବନ-ଚରିତ, ଯାହା କଳା ଓ ଆଧ୍ୟାତ୍ମିକତାର ଦ୍ୱୈତ କ୍ଷେତ୍ରକୁ ଆବିଷ୍କାର କରେ । ପ୍ରାଉଷ୍ଟଙ୍କ ଜର୍ଣ୍ଣାଲ୍‌ରୁ ଉଦ୍ଧାର କରି ବଟନ୍ କହନ୍ତି ଯେ ସାହିତ୍ୟ ଓ କଳା ଚେତନାକୁ ଉନ୍ନତ କରେ ଓ ଆଧ୍ୟାତ୍ମିକତାକୁ ପ୍ରୋତ୍ସାହନ ଯୋଗାଏ। ସାହିତ୍ୟ, କଳା ଓ ଆଧ୍ୟାତ୍ମିକତାରେ ଜୀବନର ପ୍ରକୃତ ସୌନ୍ଦର୍ଯ୍ୟ ନିହିତ । ଇଂରେଜ୍ ବୌଦ୍ଧିକ କବି ଓ ଜନ୍ ଡ୍ରାଇଡେନ୍‌ଙ୍କ ସମସାମୟିକ ଆଲେକ୍‌ଜାଣ୍ଡର୍ ପୋପ୍ କହନ୍ତି, 'ଗୋଟେ ଓଠ ବା ଆଖିକୁ ଆମେ ସୌନ୍ଦର୍ଯ୍ୟ କହୁନା / କିନ୍ତୁ ଏ ସମସ୍ତର ସଂଯୁକ୍ତ ଶକ୍ତି ଓ ପୂର୍ଣ୍ଣ ପ୍ରଭାବକୁ କହୁ' ସୌନ୍ଦର୍ଯ୍ୟର ବିଚାର ବ୍ୟକ୍ତିନିଷ୍ଠ, କାରଣ ଆମେ ତାକୁ ସମଗ୍ରତାରେ ଗ୍ରହଣ କରୁନା । ବୋଧ ହୋଇଥିବା ସୌନ୍ଦର୍ଯ୍ୟ ହେଉଛି ସମଗ୍ରତାରୁ ଖଣ୍ଡିତ ଏକ ଅଂଶ । ସୌନ୍ଦର୍ଯ୍ୟ ତାହା ନୁହଁ ଯାହା ବୋଧକୁ ଆକର୍ଷଣ କରେ, ବରଂ ତାହା, ଯାହା ଆତ୍ମାକୁ ସ୍ପନ୍ଦିତ କରେ । କେବଳ ରୂପ, ଆକୃତି ଠାରୁ ବହୁ ଅଧିକ, ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଣେ ବ୍ୟକ୍ତିର ଅନ୍ତରୀଣ ଭଦ୍ରତା, ସୌଜନ୍ୟ ଯାହା ହୃଦୟରେ ସୁନ୍ଦର ତାହା ଦେଖିବାକୁ ମଧ୍ୟ ସୁନ୍ଦର । ଜଣେ ବ୍ୟକ୍ତିର ଚରିତ୍ର ହେଉଛି ପରମାର୍ଥ, ପରମ ଶୁଭ, ପରମ ହିତ, ଅନ୍ତିମ ସୌନ୍ଦର୍ଯ୍ୟ, ଯାହା ମୁଖ ଓ ରୂପରେ ନିଜକୁ ପ୍ରକଟ କରେ । ଗୋଟେ ଛୋଟ ଝିଅକୁ କୁହାଯାଇଥିଲା, ଆବ୍ରାହାମ୍ ଲିଙ୍କନ୍ ଦେଖିବାକୁ ଖୁବ୍ ସୁନ୍ଦର ନୁହଁନ୍ତି । ତା'ର ବାପା ତାକୁ ହ୍ୱାଇଟ୍ ହାଉସ୍‌କୁ ନେଇଗଲେ, ସେ ରାଷ୍ଟ୍ରପତିଙ୍କୁ ଦେଖିଲା, ଲିଙ୍କନ୍ ତା' ସହିତ କିଛି ସମୟ ପାଇଁ ସଜ୍ଜନ, ଭଦ୍ର ଭାବରେ, ହାସ୍ୟପୂର୍ଣ୍ଣ, ବିନୋଦପୂର୍ଣ୍ଣ ଢଙ୍ଗରେ କଥା ହେଲେ । ହଠାତ୍ ସେ କହିଲା, 'ବାପା, ଲିଙ୍କନ୍ ତ ଆଦୌ ଅସୁନ୍ଦର ନୁହଁନ୍ତି, ଖୁବ୍ ସୁନ୍ଦର ।'

'ସିରତ୍ କେ ହମ୍ ଗୁଲାମ୍ ହେଁ, ସୁରତ୍ ନହିଁ ତୋ କ୍ୟା / ହୁରେଁ ଫଲକ୍ କି ଶୈଦାଥିନ୍ ହଜ୍‌ରତ୍ ବିଲାଲ୍ ପେ ।' ଅର୍ଥାତ୍ 'ମୁଁ ରୂପ, ଆକୃତି ଦେଖେ ନାହିଁ / ମୁଁ ଅଧିକ ଦେଖେ ଚରିତ୍ର / ସ୍ୱର୍ଗର ଘଣ୍ଟା ହଜ୍‌ରତ୍ ବିଲାଲ୍‌ଙ୍କ ଦ୍ୱାରା ପିଟାଗଲା।' ବିଲାଲ୍ ଥିଲେ ଇସ୍‌ଲାମ୍‌ର ପ୍ରଥମ ମୁଆଜିନ୍, ସେ ଥିଲେ ଜଣେ ଉତ୍ତର ଆଫ୍ରିକୀୟ କ୍ରୀତଦାସ, ଯାହାଙ୍କୁ ମହମ୍ମଦ ଦାସତ୍ୱରୁ ମୁକ୍ତ କରିଥିଲେ ଓ ଦୈନନ୍ଦିନ ପ୍ରାର୍ଥନାର ଆହ୍ୱାନକର୍ତ୍ତା କରିଥିଲେ ।

ବହୁ ବର୍ଷ ତଳେ ଜଣେ ବ୍ୟକ୍ତି ପୋଲାଣ୍ଡର ରାଜଧାନୀ ୱାର୍ସାରେ ଗୋଟେ କଳା ସଂଗ୍ରହାଳୟରେ ଚିତ୍ରଟେ ଦେଖିଲେ । ପୋଲାଣ୍ଡର କେହି ଜଣେ ଅଜ୍ଞାତ ଚିତ୍ରକର ପ୍ରଥମ ବିଶ୍ୱଯୁଦ୍ଧ କାଳରେ ଯା'କୁ ଅଙ୍କନ କରିଥିଲେ । ଚିତ୍ରଟି ଥିଲା ଗୋଟେ ମୁଖମଣ୍ଡଳବିହୀନ ନାରୀର । ଚିତ୍ରର ଗୋଟେ କୋଣରେ ଟିପ୍ପଣୀଟିଏ ଲେଖାଥିଲା - 'ସୌନ୍ଦର୍ଯ୍ୟ ସମ୍ପର୍କିତ ତୁମର ବିଚାର, ଅବଧାରଣାକୁ ଏଥିରେ ଆରୋପ କର, ତା' ପାଇଁ ମୁଖମଣ୍ଡଳଟିଏ ଚିନ୍ତା କର ।' ଏତଦ୍ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ତା' ନିଜର ବିଚାର ଅନୁଯାୟୀ ଚିତ୍ରଟିକୁ କଳ୍ପନା କରିବ । ପ୍ରକୃତରେ ଏହା ଚିତ୍ତାକର୍ଷକ। ନିରାକାର, ଅମୂର୍ତ୍ତ ହେବାରେ ହିଁ ସୌନ୍ଦର୍ଯ୍ୟର ମୁଖ୍ୟ ଅବଧାରଣା ନିହିତ। 'କୋଇ ସୁରତ ଦେ ଦୋ କେ ତରସ୍ତା ହୁଁ ମେଁ / ମେରି ତମିର୍ କି ମିଟ୍ଟି ଅଭି ନରମ ହୟ ଦେଖୋ' - 'ମୋତେ ଦିଅ ଗୋଟେ ମୁଖ, ଗୋଟେ ରୂପ, ମୋ ମାଟି ତଥାପି ଓଦା ଅଛି ।' ଯେଉଁ ମୁହୂର୍ତ୍ତରେ ଆମେ ସୌନ୍ଦର୍ଯ୍ୟକୁ ନିର୍ଦ୍ଦିଷ୍ଟ ଓ ପରିମାଣାତ୍ମକ କରିବାକୁ ଚେଷ୍ଟା କରୁ, ସୌନ୍ଦର୍ଯ୍ୟ ତା'ର ଆଭା ଓ ଆକର୍ଷଣ ହରାଇ ବସେ । ଫରାସୀ ଭାଷାରେ ଗୋଟେ ନିବନ୍ଧନ ଅଛି - 'ଜେ ନେ ସାଇସ୍ କ୍ୱୋଇ', ମୁଁ ଜାଣେ ନାହିଁ କ'ଣ । ସୌନ୍ଦର୍ଯ୍ୟର ଏହି ଗୁଣ ରହିବା ଉଚିତ ଯେ ଯା'କୁ ପର୍ଯ୍ୟାପ୍ତ ଭାବରେ ବର୍ଣ୍ଣନ ବା ଅଭିବ୍ୟକ୍ତ କରାଯାଇପାରିବ ନାହିଁ, ତଥାପି ତାହା କୌଣସି ବ୍ୟକ୍ତିକୁ ବା ବସ୍ତୁକୁ ଅଧିକ ଆକର୍ଷକ, ମନମୋହକ ଓ ରୋଚକ, ଆନନ୍ଦଦାୟକ କରିବ । ସୌନ୍ଦର୍ଯ୍ୟ ସବୁବେଳେ ଗୋଟେ ଖୋଲା ବିଚାର । ଆମେ ଏହାକୁ ବାନ୍ଧି ରଖିପାରିବା ନାହିଁ କି ବର୍ଣ୍ଣନା କରିପାରିବା ନାହିଁ । ପ୍ରେମ ଭଳି ଏହା ଅପରିଭାଷ୍ୟ, ଅବର୍ଣ୍ଣନୀୟ, ତଥାପି ଏତେ ବାଞ୍ଛନୀୟ, ଆକର୍ଷକ । ପ୍ରେମ ଭଳି ଏହାକୁ କେବଳ ଅନୁଭବ କରାଯାଇପାରେ । ଆମେ ପଲ୍ଲବଗ୍ରାହୀ ହୋଇ ଏହାକୁ ପ୍ରଶଂସା କରିପାରିବା ନାହିଁ, ତେବେ ଏହା ଦୃଶ୍ୟରତିକ ଓ ଅତି ସାଧାରଣ ହୋଇଯିବ । ଯେତେବେଳେ ସୌନ୍ଦର୍ଯ୍ୟକୁ ହୃଦୟରେ ଅନୁଭବ କରାଯାଏ ନାହିଁ, ସୌନ୍ଦର୍ଯ୍ୟ ପୃଥକ ଓ ଦୂର ହୋଇଯାଏ । ଯା'ର ସମଗ୍ରତାକୁ ଗ୍ରହଣ କରିବା ପାଇଁ ଆମେ ସମସ୍ତ ବୋଧର ସହିତ ତାକୁ ଅନୁଭବ କରିବାକୁ ହେବ । ସୌନ୍ଦର୍ଯ୍ୟର ସମସ୍ତ ପକ୍ଷ ଓ ଆୟାମକୁ ପୂଜା କରିବାକୁ ହେବ ଓ ତୃପ୍ତ ହେଲା ପର୍ଯ୍ୟନ୍ତ ତା'ର ଅମୃତକୁ ଆସ୍ୱାଦନ କରିବାକୁ ହେବ ।

ସାହିତ୍ୟ, କଳା, ଆଧ୍ୟାତ୍ମିକତାରେ ଜାଗତିକ ସୌନ୍ଦର୍ଯ୍ୟ ପ୍ରକଟ ହୁଏ, ଯାହା ସତ୍ୟମୟ, ଶିବମୟ । ଏ ସମସ୍ତର ସନ୍ଦେଶ ଗୋଟିଏ - ମାନବଦ୍ଧ ଅର୍ଜନ କର, ମାନବ-ଜାତିକୁ ଭଲପାଅ । କଳାରେ ପୁଣି ସଙ୍ଗୀତର ସ୍ଥାନ ସ୍ୱତନ୍ତ୍ର, ବିଶିଷ୍ଟ । ଆର୍ଥର୍ ସୋପେନ୍‌ହର୍‌ଙ୍କ ଦାର୍ଶନିକ ପ୍ରସ୍ତାବ ହେଉଛି, ଯଦି ଏପରିକି ଏହି ପ୍ରତ୍ୟକ୍ଷ, ବାହ୍ୟ ପୃଥିବୀର ଅସ୍ତିତ୍ୱ ଆଦୌ ନଥାନ୍ତା, ତଥାପି ସଙ୍ଗୀତ ଥାଆନ୍ତା । ଏହି ପ୍ରସ୍ତାବଟି 'ଇଚ୍ଛା ରୂପରେ ପୃଥିବୀ' ସମ୍ବନ୍ଧୀୟ ତାଙ୍କ ବିଚାର, ଅବଧାରଣାରେ ଆଧାରିତ ହୋଇଥିଲା । ସେ କହୁଥିଲେ, ଇଚ୍ଛା ହେଉଛି ପ୍ରଥମ ଆବେଗ, ଯାହା ପୃଥିବୀରେ ନିଜକୁ ସୌନ୍ଦର୍ଯ୍ୟବିଷୟକ, ଆଦର୍ଶବାଦୀ, ସୈଦ୍ଧାନ୍ତିକ ବିଚାର ଭାବରେ ପ୍ରକଟ କରେ । ଏହି ବିଚାରଗୁଡ଼ିକ କଳା, ସୌନ୍ଦର୍ଯ୍ୟଶାସ୍ତ୍ର ଓ ସୌନ୍ଦର୍ଯ୍ୟବିଷୟକ ଚିନ୍ତନରେ ଉତ୍ତମରୂପେ ଗୃହୀତ ହୁଏ ଓ ମଣିଷକୁ ଦୁଃଖ କଷ୍ଟରୁ ମୁକ୍ତି, ଶାନ୍ତି ଦିଏ । ଏହି ବିଚାରଗୁଡ଼ିକର ପ୍ରତିନିଧିତ୍ୱ କରିବା ପାଇଁ କଳାର ସାମର୍ଥ୍ୟ ଅଛି । ପ୍ରତ୍ୟେକ ବିଚାରରେ ଇଚ୍ଛାର ପ୍ରକଟନ ଅନୁଯାୟୀ କଳାର ଅନୁକ୍ରମକୁ ଉପସ୍ଥାପନ କରିଥିଲେ ସୋପେନ୍‌ହର୍ । ତାଙ୍କ ମତରେ ଯଦି ପିରାମିଡ୍‌ର ତଳ ଭାଗ ହେଉଛି ସ୍ଥାପତ୍ୟ, ଉପର ଭାଗ ଟ୍ରାଜେଡ଼ି ବା ଦୁଃଖାନ୍ତ ନାଟକ, ତେବେ ସମ୍ପୂର୍ଣ୍ଣ ପିରାମିଡ୍ ହେଉଛି ସଙ୍ଗୀତ, ଯେହେତୁ ସଙ୍ଗୀତ ଇଚ୍ଛାର ଅତି ଉତ୍ତମ ପ୍ରତିନିଧିତ୍ୱ କରୁଛି । ସୋପେନ୍‌ହର୍ ବିଶ୍ୱାସ କରୁଥିଲେ ଯେ ସଙ୍ଗୀତ ହେଉଛି ସ୍ୱୟଂ ଇଚ୍ଛାର ଏକ ପରିପ୍ରକାଶ, ପୂର୍ଣ୍ଣ ଶୁଦ୍ଧ ନିରଙ୍କୁଶ ପରମଙ୍କର ଉତ୍ତମ ପ୍ରତିନିଧିତ୍ୱ ।

ସୋପେନ୍‌ହର୍‌ଙ୍କ ଆଦର୍ଶ ହେଉଛି, ସଙ୍ଗୀତ ଓ ରାଗ ସକଳ ଶ୍ରେଷ୍ଠର ଆନ୍ତରିକ ଆୟାମକୁ ପ୍ରକାଶ କରନ୍ତି । ଏହି ଆଦର୍ଶ ପୁଣି ପ୍ରସାରିତ ହୋଇଯାଏ ୱାଗ୍‌ନର୍ ଓ ହେଗେଲ୍‌ଙ୍କ ବିଶ୍ୱଦୃଷ୍ଟିରେ ସଙ୍ଗୀତର ଅଧ୍ୟାତ୍ମବିଜ୍ଞାନ ସ୍ତରକୁ । ୱାଗ୍‌ନର୍ ଓ ହେଗେଲ୍ ସଙ୍ଗୀତର ଦାର୍ଶନିକ ରୂପରେଖ ନିର୍ଦ୍ଧାରଣ କଲେ ଓ କହିଲେ, 'ସଙ୍ଗୀତ ହେଉଛି ଉତ୍ତମ ସାର୍ବଭୌମିକ ଭାଷା । ଅନ୍ୟ କଳାମାନେ 'ଛାୟା' କଥା କହିଲାବେଳେ ସଙ୍ଗୀତ 'ବସ୍ତୁ' କଥା କହେ ।' ଦାର୍ଶନିକ ନିତ୍‌ସେ 'ବାସ୍ତବିକତାର ଆପୋଲୋନୀୟ କ୍ରମ'କୁ ବିରୋଧ କରି ସଙ୍ଗୀତକୁ ପୃଥିବୀର 'ଡାୟୋନିସୀୟ ମୁକ୍ତି ସିଦ୍ଧାନ୍ତ' ଭାବରେ ଚିହ୍ନିତ କରନ୍ତି ଓ କହନ୍ତି, 'ବଞ୍ଚିବାର ଇଚ୍ଛା ସଙ୍ଗୀତ ଜରିଆରେ ହିଁ ପ୍ରକାଶିତ ହୋଇଥାଏ, ଯାହା ବିନା ଜୀବନ ଗୋଟେ ବିରାଟ ଭୁଲ ବା ଭ୍ରମ ହୋଇଯିବ ।' ସଙ୍ଗୀତର ସାର୍ବଭୌମିକ ଭାଷାର ମୁକ୍ତି ଦେବାର ଶକ୍ତି ରହିଛି, ଯେଉଁଥିପାଇଁ ମରିସ୍ ଫ୍ଲିଉରେଟ୍ ଓ ଜ୍ୟାକ୍ ଲ୍ୟାଙ୍ଗ୍ ପ୍ରମୁଖ ଫ୍ରାନ୍ସରେ ୧୯୮୨ ବର୍ଷର ଗ୍ରୀଷ୍ମ ସଂକ୍ରାନ୍ତି ଦିନ ବିଶ୍ୱ ସଙ୍ଗୀତ ଦିବସ ପାଳନ କଲେ ।

ଭାରତୀୟ ଜ୍ଞାନ ପରମ୍ପରାରେ ସଙ୍ଗୀତର ଅଧ୍ୟାତ୍ମବିଜ୍ଞାନ ଶବ୍ଦ ବା ଧ୍ୱନି ପ୍ରତି ଶ୍ରଦ୍ଧା ରୂପରେ ବିକଶିତ ହୋଇଛି, ଅନ୍ତରାତ୍ମା ବା ଅନ୍ତଃକରଣ ସହିତ ଅଲଂଘନୀୟ ଭାବରେ ସମ୍ବନ୍ଧିତ ହୋଇଛି । ଭର୍ତ୍ତୃହରିଙ୍କ ସ୍ଫୋଟବାଦ ପରମଙ୍କୁ ନାଦବ୍ରହ୍ମ, ମୌଳିକ ବା ଆଦି ଧ୍ୱନି, ଏହି ପ୍ରତ୍ୟକ୍ଷ ପୃଥିବୀର ହେତୁ ଭାବରେ ବିଚାର କରେ । ଅନାହତ ନାଦର ରହସ୍ୟବାଦୀ ଅନୁଭବ ପ୍ରାପ୍ତ ହେବା ପାଇଁ ସଙ୍ଗୀତ ହେଉଛି ଏକ ଅନ୍ୱେଷଣା ଉଭୟ ସଙ୍ଗୀତଜ୍ଞ ଓ ଶ୍ରୋତା ଆଧ୍ୟାତ୍ମିକ ମାର୍ଗର ସାଧକ । ସ୍ଫୁଟ ହେଉଛି ପ୍ରକଟ ବ୍ରହ୍ମାଣ୍ଡର ଶବ୍ଦ ବା ଧ୍ୱନି, ଧ୍ୱନି-ମାପରେ ଶୁଣାଯାଉଥିବା ମୌଳିକ ବା ଆଦିଶକ୍ତି, ଓମ୍ ଧ୍ୱନିର ନିକଟତମ ପ୍ରତିଧ୍ୱନି । ସୋପେନ୍‌ହର୍ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ ସାମବେଦର ଚଣ୍ଡୋଗ୍ୟ ଉପନିଷଦ ଦ୍ୱାରା, ଯାହା ବିଶ୍ୱବ୍ରହ୍ମାଣ୍ଡର ସକଳ ଉପାଦାନକୁ ଏକ ଜପ-ନମୁନାର ଅନେକ ରୂପ ଭାବରେ ବିଚାର କରେ। ସୋପେନ୍‌ହର୍‌ଙ୍କ ମତରେ, ସଙ୍ଗୀତ ପାରଲୌକିକ ବାସ୍ତବିକତାକୁ ପ୍ରକାଶ କରେ । ଶାସ୍ତ୍ରୀୟ ବା ଲୋକପ୍ରିୟ, ପାଶ୍ଚାତ୍ୟ ବା ପ୍ରାଚ୍ୟ ହେଉ, ଯେତେବେଳେ ଜଣେ ସଙ୍ଗୀତକୁ ଶୁଣେ, ଚେତନାର ଏକ ଉଚ୍ଚତର ଆନ୍ତରିକ ଆୟାମ ସହିତ ସଂଯୁକ୍ତ ହେଲା ଭଳି ଅନୁଭବ କରେ, ଯାହାକୁ ବର୍ଣ୍ଣନା କରିବା ଦିଗରେ ଶବ୍ଦ ବିଫଳ ହୁଏ ।

ପୃଥିବୀରେ ଧର୍ମ ଗ୍ରନ୍ଥଗୁଡ଼ିକ ହେଉଛି ଉଚ୍ଚ ମାନର ସାହିତ୍ୟ । ଚିତ୍ରକରମାନେ ଧର୍ମପୀଠର ଚିତ୍ର ଆଙ୍କୁଛନ୍ତି । ସଙ୍ଗୀତଜ୍ଞମାନେ ଧର୍ମ ଆଧାରରେ ସଙ୍ଗୀତ ଗାଉଛନ୍ତି । ସବୁଠି ଆଧ୍ୟାତ୍ମିକତା, ସୌନ୍ଦର୍ଯ୍ୟର ସ୍ପର୍ଶ । ଧର୍ମର ଆଧାର ସଦାଚାର । ଆଧ୍ୟାତ୍ମିକତାର ଭିତ୍ତି ମାନବ-ପ୍ରୀତି । ସତ୍ୟ, ଶିବର ଅବଲମ୍ବନରେ ସୌନ୍ଦର୍ଯ୍ୟର ବିକାଶ । ମାର୍ସେଲ୍ ପ୍ରାଉଷ୍ଟଙ୍କ ଲିଖିତ ଓ ଆଲେନ୍ ଡି ବଟନ୍‌ଙ୍କ ଦ୍ୱାରା ଉଦ୍ଧୃତ ବାକ୍ୟ, 'ସାହିତ୍ୟ ଓ କଳା ଚେତନାକୁ ଉନ୍ନତ କରେ ଓ ଆଧ୍ୟାତ୍ମିକତାକୁ ପ୍ରୋତ୍ସାହନ ଯୋଗାଏ' ଆମର ନିତ୍ୟ ସ୍ମରଣୀୟ । ଆମ ସାହିତ୍ୟ, ଚିତ୍ର, ସଙ୍ଗୀତ ସମେତ ସମଗ୍ର କଳା କ୍ଷେତ୍ରରେ ଆଧ୍ୟାତ୍ମିକତା ବା ମାନବପ୍ରୀତିର ଯେତେ ସ୍ଫୁରଣ ହେବ, ଆମ ପିଣ୍ଡରୁ ବ୍ରହ୍ମାଣ୍ଡ, ଚରିତ୍ରରୁ ଚକ୍ରବାଳ, ମାଟିରୁ ମହାକାଶ ଯାଏ ସବୁଠି ସୌନ୍ଦର୍ଯ୍ୟର ଉତ୍ତରଣରେ ତାହା ସେତେ ସହାୟକ ହେବ ।

# ଅନନ୍ୟ ଶିକ୍ଷାନୁଷ୍ଠାନ : ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ



ରମାକାନ୍ତ ମହାଳିକ
ପ୍ରଫେସର, ଶିକ୍ଷା ବିଭାଗ
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ
ସଚିବାଳୟ ମାର୍ଗ,
ଭୁବନେଶ୍ୱର, ୭୫୧୦୨୨
ମୋ : ୯୯୩୮୧୦୩୫୯୫

ଆଜିକୁ ପ୍ରାୟ ଛ' ଦଶନ୍ଧି ତଳେ ୧୯୬୩ ମସିହାରେ ଭୁବନେଶ୍ୱରର ଏକ ପ୍ରମୁଖ ଅଞ୍ଚଳରେ ପ୍ରତିଷ୍ଠା ହୋଇଥିଲା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ । ଶିକ୍ଷା, ଶିକ୍ଷକ, ଶିକ୍ଷାୟତନର ସର୍ବୋଚ୍ଚ କେନ୍ଦ୍ରଏନସିଇଆରଟିର ଏହା ଏକ ଅଂଶ ବିଶେଷ । ଭୋପାଳ, ଆଜମେର, ମୈସୁର ଓ ଶିଲଂ ସହ ଭୁବନେଶ୍ୱରର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଏନସିଇଆରଟି ବିଶାଳ ମହାଦ୍ରୁମର ପାଞ୍ଚଟି ଶାଖା ଭଳି ଏହା ଶିକ୍ଷା କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟକରି ଆସିଛି । ଅଧୁନା ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅଭିନନ୍ଦନୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୂରଦର୍ଶିତା ବଳରେ ନେଲୋରଠାରେ ଆଉ ଏକ ଶାଖା ପ୍ରତିଷ୍ଠା ହେଉଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଯେଭଳି ଭାରତବର୍ଷର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଏକ ସମୃଦ୍ଧ ବିକଶିତ ଦେଶଗଠନ ଦିଗରେ ଏହାକୁ ଅଗ୍ରସର କରାଇନେଉଛି, ସେଭଳି ଏହି ଶିକ୍ଷାନୀତିର କାର୍ଯ୍ୟକାରିତା ଦିଗକୁ ଯଥେଷ୍ଟ ଗୁରୁତ୍ୱ ଦେଉଛି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର।

**ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପ୍ରତିଷ୍ଠା ଦିବସ**

ପୂର୍ବରୁ Regional College of Education ସଂକ୍ଷେପରେ RCE ଥିବା ଏହି ପ୍ରତିଷ୍ଠାନ ବର୍ତ୍ତମାନ Regional Institute of Education ବା ସଂକ୍ଷେପରେ RIE ଭାବେ ପରିଚିତ। ସଚିବାଳୟମାର୍ଗ ବା ଜବାହରଲାଲ ମାର୍ଗରେ ଅବସ୍ଥିତ ଏହି ଶିକ୍ଷାନୁଷ୍ଠାନ ପୂର୍ବ ଭାରତରେ ଏକ ପ୍ରମୁଖ ଅନୁଷ୍ଠାନ ଯେଉଁଠାରେ ଶିକ୍ଷକ ଶିକ୍ଷା, ପାଠ୍ୟକ୍ରମ ପରୀକ୍ଷଣ, ଶିକ୍ଷା ସଂସ୍କାରକୁ ଉନ୍ନତ କରିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନା ସହ ଅନୁଭବ ଆଧାରିତ ଶିକ୍ଷା ବିଷୟ ଅନୁଶୀଳନ, ବହୁଭାଷିକତା, ବିବିଧତା ଆଦି ବ୍ୟାପକ କାର୍ଯ୍ୟ ହାତକୁ ନେଇ ସଫଳ ହୋଇଛି । ଶିକ୍ଷାଶାସ୍ତ୍ରର ବୈଶିଷ୍ଟ୍ୟ ବିଚାର ସହ, ଆଲୋଚନା, କର୍ମଶାଳା, ପାଠ୍ୟକ୍ରମ ବିଚାରବିମର୍ଶ ଆଦି ବ୍ୟାପକ ବିଷୟ ଅନ୍ତର୍ଭୁକ୍ତ ହୋଇ ମୌଳିକ ସ୍ତର ନିମିତ୍ତ ଜାତୀୟ ପାଠ୍ୟକ୍ରମ ରୂପରେଖ ଭଳି ଜାତୀୟ ଶିକ୍ଷା ନୀତିର ବହୁ ଆଭିମୁଖ୍ୟକୁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନକାର୍ଯ୍ୟକାରୀ କରି ନିଜ ଭୂମିକା ନିର୍ବାହ କରୁଛି । ଏନ.ସି ଇ. ଆର. ଟି ର ନିର୍ଦ୍ଦେଶକ ପ୍ରଫେସର ଦୀନେଶ ପ୍ରସାଦ ସକଲାନୀଙ୍କ ଦିଗଦର୍ଶନରେ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ତଥା ଅଧୁନା ଏନ.ସି.ଇ.ଆର.ଟିର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ କାର୍ଯ୍ୟକାଳ ସମୟରେ ପ୍ରତିଷ୍ଠାନର କଳେବର ଅନେକାଂଶରେ ସୌନ୍ଦର୍ଯ୍ୟ ମଣ୍ଡିତ ହୋଇଥିବାବେଳେ ବର୍ତ୍ତମାନର ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀଙ୍କ ନେତୃତ୍ୱରେ ଆହୁରି ଅଧିକ ଛବିଳ ଓ ଚଳଚଞ୍ଚଳ ହୋଇଛି । ପ୍ରତିଷ୍ଠାନ ପରିସରରେ ଥିବା ହୋମିଭାବା ଓ ରାମାନୁଜନ ଛାତ୍ରାବାସ, ଆଶୁତୋଷ, ଲକ୍ଷ୍ମୀବାଇ ଓ ଗୋପବନ୍ଧୁ ଛାତ୍ରୀନିବାସ ସରୋଜିନୀ ଓ ନୂଆ ଅତିଥି ନିବାସରେ ନବୀକରଣସହ ଏହାର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟ ପାଇଁ ପଦକ୍ଷେପ ନିଆଯାଉଛି । ସର୍ବଭାରତୀୟ ସ୍ତରରେ କଳାଉତ୍ସବ ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମୂହ କ୍ରୀଡ଼ା ମହୋତ୍ସବ ଆଦି ବ୍ୟାପକ କାର୍ଯ୍ୟକ୍ରମ ସଫଳତାରେ ସହ ଆୟୋଜନ କରିଥିବାରୁ କେନ୍ଦ୍ରଶିକ୍ଷା ମନ୍ତ୍ରାଳୟର ପ୍ରଶଂସା ଭାଜନ ହୋଇପାରିଛି ଆଞ୍ଚଳିକ ଶିକ୍ଷାପ୍ରତିଷ୍ଠାନ। NCF -FS । NCF - SE କୁ ଓଡ଼ିଆ , ବଙ୍ଗଳା ଭାଷାରେ ଅନୁବାଦ ହେଉ କି ଏନ.ସି.ଇ.ଆର.ଟିର ମନୋଦର୍ପଣ କକ୍ଷର ପୁସ୍ତିକା ଯୌନ ନିର୍ଯାତନା ନିରାକରଣ ଆଦିର ଅନୁବାଦ ବି ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଆ ଓ ବଙ୍ଗଳା ଭାଷାରେ ହୋଇଛି । ଏହା ସହ କୁଇ ଓ ଦେଶିଆ ଭାଷାର ପ୍ରାଥମିକ ପୁସ୍ତିକା, ପ୍ରତିଷ୍ଠାନ ସହଯୋଗରେ ପ୍ରକାଶିତ । ବି. ଏଡ., ଏମ. ଏଡ., ବିଏ. ବି. ଏଡ., ବିଏସସି ବି. ଏଡ. ଭଳି ବହୁ ଶିକ୍ଷା ଭିତ୍ତିକ ପାଠପଢ଼ାର ପୀଠ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ । ତେବେ ଶିକ୍ଷା ଅଧ୍ୟୟନ, ଅଧ୍ୟାପନା ଓ ଅନୁଶୀଳନ ସହ ଏସମ୍ପର୍କିତ ଆଲୋଚନା, ଗବେଷଣା, କର୍ମଶାଳା ବୌଦ୍ଧିକ ଉପସ୍ଥାପନ ଏବଂ ଓଡିଶା, ବିହାରଝାଡ଼ଖଣ୍ଡ, ଆଣ୍ଡାମାନ - ନିକୋବର ଦ୍ୱୀପପୁଞ୍ଜରେ ଶିକ୍ଷା ଶିକ୍ଷକ କାର୍ଯ୍ୟକ୍ରମ ଆୟୋଜନ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସଫଳତାର ଲମ୍ବାତାଲିକା । ଆଜି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ । ଏହା ଏମିତି ସଫଳତାର ସହ ଆଗକୁ ଆହୁରି ସଗର୍ବେ ଗତିଶୀଳ ହେଉ, ଏହା ଆଶା ଓ ବିଶ୍ୱାସ । ବିଶେଷକରି ଏନ.ସି ଇ. ଆର. ଟି ର ନିର୍ଦ୍ଦେଶକ ପ୍ରଫେସର ଦୀନେଶ ପ୍ରସାଦ ସକଲାନୀଙ୍କ ଦୃଢ ନେତୃତ୍ୱରେ ପରିଚାଳିତ ପ୍ରତିଷ୍ଠାନ ରାଜ୍ୟରେ 'ଜାତୀୟଶିକ୍ଷାନୀତି ୨୦୨୦'କୁ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟରେ ଏସ.ସି.ଇ.ଆର.ଟିକୁ ନିଷ୍ଠାର ସହ ଯେଭଳି ସହଯୋଗ କରି 'ଯାଦୁପେଡ଼ି'ସମେତ ଅନେକ ନୂଆ ଯୋଜନାକୁ ରୂପାୟନ ଦେଉଛି ସେହିସବୁ କାର୍ଯ୍ୟ ପାଇଁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଅନନ୍ୟ ଓ ଅଭିନନ୍ଦନୀୟ ।

# ଇତି ତୁମର ରେବତୀ



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ,କଟକ
ମୋ:୯୪୩୮୦୭୦୮୪୯

ସମ୍ମାନନୀୟ ବ୍ୟାସ(ବ୍ୟାସକବି ଫକୀର ମୋହନ), ମୋର ଭୂମିଷ୍ଠ ପ୍ରଣାମ ଗ୍ରହଣ କରିବେ। ପରିସ୍ଥିତି ମତେ ବାଧ୍ୟକଲା ଆପଣଙ୍କୁ ପତ୍ରଟିଏ ଲେଖିବାକୁ । ଆପଣ ଜାଣିଛନ୍ତି ! ହଁ, କେମିତି ବା ଜାଣିବେନି ! କାହିଁକି ନା ନିକଟରେ ଆପଣଙ୍କ ମାଟିରେ ଆପଣଙ୍କ ନାମରେ ନାମିତ ଶିକ୍ଷାନୁଷ୍ଠାନରେ ଆପଣଙ୍କର ଅନ୍ୟ ଏକ 'ରେବତୀ' ଅଗ୍ନିର ଜ୍ୱାଳାରେ ନିଜକୁ ଆହୁତି ଦେଇଛି । ନିଜକୁ ଖରାପ ଲାଗୁଥିବ ନିଶ୍ଚିତ । ମନେଅଛି ନା? ନାରୀ ଶିକ୍ଷାକୁ ତେଜୀୟାନ୍ ଓ ବୁଦ୍ଧିମନ୍ତ କରିବା ପାଇଁ ୧୮୯୮ ମସିହାରେ ଆପଣ ଲେଖିଥିଲେ, 'ରେବତୀ' । ଯାହାଥିଲା ଓଡ଼ିଆ ସାହିତ୍ୟାକାଶର ପ୍ରଥମ ସଂଧ୍ୟା ତାରା ।

ଯେଉଁ ସମୟରେ ଓଡିଶାର ଜନଜୀବନ, କୁଶିକ୍ଷା ଓ ଅଜ୍ଞାନତାର ବହଳ ଅନ୍ଧାର ମଧ୍ୟରେ ଥିଲା ସେପରି ଏକ କାଳଖଣ୍ଡରେ ଆପଣଙ୍କର 'ରେବତୀ ' ପାଠ ପଢିବା ପାଇଁ ସ୍ୱପ୍ନ ଦେଖୁଥିଲା । ସେଦିନର କୁସଂସ୍କାର ଓ ଅନ୍ଧବିଶ୍ୱାସର ଅନ୍ଧ ଗଳିରେ ଥିବା ସମାଜ କିନ୍ତୁ ଶିକ୍ଷାକୁ ପ୍ରାଧାନ୍ୟ ଦେଇନଥିଲା । ଫଳସ୍ୱରୁପ ଏକ ରୁଢ଼ିବାଦୀ ପରିବାରର ରେବତୀ ନାମ୍ନୀ ଝିଅର ପାଠ ପଢିବାର ଆଶା ଓ ଆକାଂକ୍ଷା ସ୍ୱପ୍ନରେ ରହିଯାଇଥିଲା । 'ରେବତୀ' କେବଳ ଏକ ଝିଅ ନଥିଲା। ଏହା ଏକ ଝାଉଁଳି ଯାଇଥିବା ସମାଜର ଚିତ୍ର ଯାହା ଆପଣଙ୍କ ଲେଖନୀରେ ଜୀବନ୍ତ ହୋଇଉଠିଥିଲା। ବ୍ୟାସକବି ! ଏହା ଆପଣଙ୍କର ଭର୍ତ୍ସନାର ଭାଷା ଥିଲା ନା କୋହର କବିତା ! ତୁମେ କବି ଥିଲ ନା ଭିବିଷ୍ୟବିତ ! ତୁମ କଲମ ଅଛି ନା ଭାଙ୍ଗି ଗଲାଣି ! ଆଉଥରେ ଲେଖିପାରିବ ରେବତୀର ସେ ଅନ୍ତିମ ଅଧ୍ୟାୟ ! ଲେଖିପାରିବ ଲୋ ରେବତୀ.... ଲୋ ରେବ.....ଲୋ ନିଆଁ..... ଲୋ ଚୁଲି...

ହଁ ବ୍ୟାସ...

ଆଜି ଥରେ ନୁହଁ ସହସ୍ରାଧିକ ଥର ଭାବିବା ପାଇଁ ବାଧ୍ୟ କରୁଛି ଏ ଜାତିକୁ ଯେତେବେଳେ ଆପଣଙ୍କ ମାଟିରେ ଆପଣଙ୍କ ନାମରେ ନାମିତ ଶିକ୍ଷାନୁଷ୍ଠାନ(ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ)ରେ ଆଉ ଏକ ରେବତୀର ପାଠପଢାରେ ଡୋରି ବନ୍ଧା ଗଲା । ଯେତେବେଳେ ଜ୍ଞାନର ଆଲୋକ ଚତୁର୍ଦ୍ଦିଗକୁ ବିଚ୍ଛୁରିତ କରୁଥିଲା ଓ ଯେତେବେଳେ ସମାଜ ଶିକ୍ଷିତ ଥିଲା ସେଭଳି ଏକ ସମୟରେ ଆଖିରେ ଆଖିଏ ସ୍ୱପ୍ନ ନେଇ ରେବତୀ ଭଳି ମୁଁ ସୌମ୍ୟଶ୍ରୀ ବିଶି ଆପଣଙ୍କର ନାମରେ ନାମିତ ଶିକ୍ଷାନୁଷ୍ଠାନରେ ପାଠ ପଢିବା ପାଇଁ ମନୋନିବେଶ କରିଥିଲି। କିନ୍ତୁ ଜଣା ନଥିଲା ପାଖାପାଖି ଦେଢଶହ ବର୍ଷପରେ ମତେ ଆଉ ଏକ 'ରେବତୀ ' ସାଜିବାକୁ ପଡିବ ! ଦୃଢ଼ମନା ଛାତ୍ରୀ ମୁଁ ସୌମ୍ୟଶ୍ରୀ ଯେ କେବଳ ମେଧାବୀ ଛାତ୍ରୀ ଥିଲି ତା ନୁହଁ ବରଂ ପାଠପଢା ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ବେଶ୍ ପାରଦର୍ଶିତା ଲାଭ କରିଥିଲି । ମୁଁ ବିପର୍ଯ୍ୟୟ ପ୍ରଶମନର ତାଲିମ ନେଇଥିଲି, ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରୁଥିଲି, ଅନେକ ଛାତ୍ରଛାତ୍ରୀଙ୍କର ନେତୃତ୍ୱ ନେଉଥିଲି, ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲି, ସମାଜ ସେବାରେ ମନୋନିବେଶ କରି ବେଶ୍ ସୁନାମ ଅର୍ଜନ କରିବା ସହିତ ମହାବିଦ୍ୟାଳୟରେ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ମଧ୍ୟ ପୁରସ୍କୃତ ହୋଇଥିଲି । ମୁଁ ଥିଲି ମୁକ୍ତ ଅକାଶର ବିହଙ୍ଗ । ଏ ସୁନ୍ଦର ପୃଥିବୀକୁ ଆହୁରି ସୁନ୍ଦର କରି ଗଢି ତୋଳିବାର ସ୍ୱପ୍ନ ଦେଖିଥିଲି । ପିଲାଟିବେଳୁ ସମସ୍ତଙ୍କୁ ନେଇ ଚାଲିବାର କଳାରେ ମୁଁ ଥିଲି ସିଦ୍ଧହସ୍ତ । କେହି ମୋର ଶତ୍ରୁ ନଥିଲେ । ଏ ସବୁ ସତ୍ତ୍ୱେ ମଧ୍ୟ ମୋ ସହିତ ଘଟିଥିଲା ଅନେକ ବ୍ୟଭିଚାର । ମହାବିଦ୍ୟାଳୟରେ ମୁଁ କାମନା ଓ ଲାଞ୍ଛନାର ଶିକାର ହୋଇଥିଲି । ହେଲେ ନିଜକୁ କାମାନ୍ଧ ଆଗରେ ସମର୍ପି ନଦେଇ ନିଜକୁ ବଞ୍ଚାଇବାର ସାଧନା ଜାରି ରଖିଥିଲି । କାହାକୁ କେତେ ଗୁହାରୀ କରିଛି । ନ୍ୟାୟ ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଛି । ଗଣମାଧ୍ୟମ ଆଗରେ ନିଜର ସମସ୍ୟା ବଖାଣିଛି । ହେଲେ ମୁଁ ଦେଖିଲି ଯେ ମୋ ନିଜ ଅଭିଯୋଗର ଅଭିପ୍ରାୟ ସବୁ ଜଳି ଯାଉଛନ୍ତି । ସମସ୍ତେ ମୋର ଦରଖାସ୍ତର ଆତ୍ମୀୟ ଶବବାହକ ସାଜୁଛନ୍ତି । ମୋର ସାହସ, ଆଶା, ଆତ୍ମସମ୍ମାନକୁ ଯେତେବେଳେ ଦଳିଚକଟି ଦିଆଗଲା, ଯେତେବେଳେ ନ୍ୟାୟର ଲଢେଇରେ ସବୁ ରାସ୍ତା ବନ୍ଦ ହୋଇଗଲା ସେତେବେଳେ ନିଜ ଦେହରେ ଅଗ୍ନି ସଂଯୋଗ କରି ଜଣାଇଦେବାକୁ ଚାହୁଁଥିଲି ଯେ ଅନ୍ତତଃ ପକ୍ଷେ ତ ମୋ କଥା କିଏ ଶୁଣିବ ! କେତେ ବା ସହିଥାନ୍ତି ! ହତୋତ୍ସାହିତ ହୋଇ ପରାଜୟର ଦ୍ୱାର ଦେଶରେ ଦଣ୍ଡାୟମାନ ହେଲି । ମୁକ୍ତିର ପଥ ଖୋଜିଖୋଜି ନିରାଶ ହେଲି । ନିଜର ସତୀତ୍ୱ ରକ୍ଷା କରିବା ପାଇଁ ଅଗ୍ନିରେ ନିଜକୁ ଆହୁତି ଦେବା ଆଗରୁ ଜଳି ପୋଡି ପାଉଁଶ ହୋଇସାରିଥିଲା ମୋର ସବୁ ବିଶ୍ୱାସ, ସ୍ୱପ୍ନ ଓ ଭବିଷ୍ୟତ । ହଁ ବ୍ୟାସ.. ମୁଁ ଆପଣଙ୍କର ଅବଗତି ନିମନ୍ତେ ଜଣାଇଦେବାକୁ ଚାହେଁ ଯେ, ସମାଜ ସେଦିନ ରେବୀର ପାଠପଢା ସ୍ୱପ୍ନକୁ ପୋଡି ପକାଇଥିଲା ଆଉ ଆଜିର ସମାଜ ମଧ୍ୟ ଅନ୍ୟ ଏକ ରେବତୀକୁ ପୋଡି ମାରିଦେବା ପାଇଁ ବାଧ୍ୟ କରିଥିଲା। ସେଦିନ ରେବତୀ ମରିଥିଲା ଆଉ ଆଜିର ଏ ରେବତୀ ବି ଅଗ୍ନିର ସ୍ଫୁଲିଙ୍ଗରେ ଅଙ୍ଗାର ହୋଇଗଲା ।

ସାହସର ମୂର୍ତ୍ତିମନ୍ତ ପ୍ରତୀକ ସାଜି ଜାତିର ବିରଙ୍ଗନା ଭାବେ, ଏକ ଶକ୍ତିଶାଳୀ ନ୍ୟସ୍ତ ସ୍ୱାର୍ଥ ବ୍ୟବସ୍ଥା ବିରୁଦ୍ଧରେ ଏକାକୀ ଲଢୁଥିଲି। ହେଲେ ପଙ୍ଗୁ ବ୍ୟବସ୍ଥା, ଅକର୍ମଣ୍ୟ ଶାସନ, ଅନ୍ଧ ଆଇନ, ତ୍ରୁଟିଯୁକ୍ତ ବ୍ୟବସ୍ଥା ଓ ରାଜନୈତିକ ବ୍ୟକ୍ତିଙ୍କ ଉଦାସୀନତା ଯୋଗୁଁ ମୁଁ ଦୁର୍ଭାଗ୍ୟଜନକ ଭାବେ ନିର୍ବାପିତ ହେଲି । ଫୁଲଟିଏ ସାଜି ଫୁଟିବା ପୂର୍ବରୁ ଝାଉଁଳି ଗଲି ବୃନ୍ତରେ । ଫୁଟିଥିଲେ ମୋର ସୁରଭି ସମସ୍ତଙ୍କୁ ଆମୋଦିତ କରିଥାନ୍ତା । ହେ ବ୍ୟାସ.... ଉତ୍ତର ଦିଅନ୍ତୁ । ଏହା କଣ ଆତ୍ମହତ୍ୟା ହୋଇପାରେ? ନା ଏହା ଆତ୍ମହତ୍ୟା ନୁହଁ । ଏହା ଏକ ବ୍ୟବସ୍ଥା, ପ୍ରତିବାଦ ଓ ଅଭିମାନର ହତ୍ୟା । ମୋର ବଳିଦାନ ପ୍ରତିଟି ଚରିତ୍ର ପାଇଁ। ଅବହେଳିତ ପ୍ରତିଟି ସ୍ୱର ପାଇଁ । ଅସୁମାରୀ ଆଶା ନେଇ ସ୍ୱପ୍ନ ନେଇ ବଞ୍ଚୁଥିବା ଆଗାମୀ କାଲିର ସମସ୍ତ ଚରିତ୍ର ପାଇଁ । ମହାଭାରତରେ କୁରୁ ରାଜ ସଭାରେ ବିବସନା ହେବାର ଅବ୍ୟବହିତ ପୂର୍ବରୁ ତାଙ୍କୁ ଦ୍ୟୁତକ୍ରୀଡାର ବାଜି ରୂପେ ଲଗାଇଥିବା ଧର୍ମରାଜ ଯୁଧିଷ୍ଠିରଙ୍କୁ ପତ୍ନୀ ଦ୍ରୌପଦୀ ଗୋଟିଏ ପ୍ରଶ୍ନ ପଚାରିଥିଲେ-'ନାରୀ ଜଣେ ବ୍ୟକ୍ତି ନା ଜଣେ ବସ୍ତୁ'? ଆଜି ମଧ୍ୟ ଦ୍ରୌପଦୀଙ୍କର ସେହି ପ୍ରଶ୍ନ ପ୍ରତିଧ୍ୱନିତ ହେଉଛି । ଯେଉଁଠି ନାରୀମାନଙ୍କୁ ପୂଜା କରାଯାଏ ସେଠି ଦେବତାମାନେ ବିଚରଣ କରୁଥାନ୍ତି ଯାହା ପୋଥିଗତ ବିଦ୍ୟା ସଦୃଶ ପ୍ରତୀୟମାନ ହେଉଛି । କିନ୍ତୁ ବାସ୍ତବତା ଏଠି ସଂପୂର୍ଣ୍ଣ ଭିନ୍ନ । ସମାଜରେ ଦୈନନ୍ଦିନ ଘଟଣାବଳୀକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ଅନୁମେୟ ଯେ ନାରୀ ବୋଧହୁଏ ଉପଭୋଗର ଏକ ସାମଗ୍ରୀ ପାଲଟିଯାଇଛି । ନାରୀ ସମାଜର ଏକ ବଜାରରେ ମିଳୁଥିବା ଶସ୍ତା ପଣ୍ୟ ବସ୍ତୁ ହୋଇଯାଇଛି । ଏଠି ନାରୀମାନଙ୍କୁ ପୂଜା କରାଯାଉନାହିଁ ବରଂ କୁତ୍ସିତ କଦାକାର ଚିନ୍ତାଧାରାର କିଛି ବ୍ୟକ୍ତି ନାରୀ ମାଂସଲୋଭୀ ରାକ୍ଷସ ସାଜି ନାରୀମାନଙ୍କୁ ଧର୍ଷଣ କରି ହତ୍ୟା କରିଥାନ୍ତି । କେତେକ କ୍ଷେତ୍ରରେ ବ୍ୟବସ୍ଥା ଆଗରେ ହାର ମାନି ଅସହାୟତା ହୋଇଯାଏ ନାରୀଟିଏ । ଫଳରେ ଅଗ୍ନିରେ ଝାସ ଦିଏ । ଗଣତନ୍ତ୍ର ଓ ଗଣତନ୍ତ୍ର ଶାସନ ଏହା ସମ୍ପୂର୍ଣ୍ଣ ମିଛ । ସବୁ କିଛି ବ୍ୟବସ୍ଥା ହାତରେ । ମୋର ଆର୍ତ୍ତ ଓ ଆତ୍ମଦାହର ଜ୍ୱାଳା କ'ଣ ଆମ ସମାଜ ଓ ଶାସନ ବ୍ୟବସ୍ଥା ଅନୁଭବ କରି ପାରୁନାହିଁ ! ନାରୀକୁ ଭୋଗ୍ୟ ମନେ କରି ପ୍ରତିଟି ସ୍ତରରେ ପୁରୁଷଟିଏ ନାରୀର ଅବମୂଲ୍ୟାୟନ କରିଥାଏ । ନାରୀର ସ୍ୱାଭିମାନକୁ ନ୍ୟୁନ କରିଥାଏ ଆଉ ଯେତେବେଳେ ନାରୀଟି ବିରୋଧ କରେ ସେତେବେଳେ ଆରମ୍ଭ ହୁଅ ଅତ୍ୟାଚାର ଯାହା ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇଥାଏ । ଏହାହିଁ ସମାଜର ବାସ୍ତବ ଚିତ୍ର । ହେ ବ୍ୟାସ... ପୁନଶ୍ଚ ଧରାପୃଷ୍ଠରେ ଅବତରଣ କର । ଜାଗି ଉଠୁ ତୁମର ଲେଖନୀ । ଲେଖନୀମୁନର ଶାଣିତ ସ୍ୱରରେ ବିପଥଗାମୀ ମାନବ ସମାଜକୁ ଦିଗ୍ଦର୍ଶନ ଦେଇଚାଲ । ତୁମେ ଚାହିଁଲେ ତୁମର ଅନ୍ୟ ରେବତୀମାନେ ହୁଏତ ନିଜକୁ ଅଗ୍ନିର ଜ୍ୱାଳାରେ ଝାସ ଦେବେ ନାହିଁ।

'ଇତି'
ତୁମର ରେବତୀ

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୫ ଅଗଷ୍ଟ, ମଙ୍ଗଳବାର, ୨୦୨୫


## ପଞ୍ଚମ ଟେଷ୍ଟରେ ଭାରତର ରୋମାଞ୍ଚକର ବିଜୟ

# ସିରାଜ୍‌ଙ୍କୁ ୫ ଉଇକେଟ : ସିରିଜ୍ ୨-୨ରେ ବରାବର

**ଓଭାଲ**

ଲଣ୍ଡନର କେନିଂଟନ୍ ଓଭାଲରେ ଅନୁଷ୍ଠିତ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିଛି। ମହମ୍ମଦ ସିରାଜଙ୍କ ଅସାଧାରଣ ବୋଲିଂ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହାୟତାରେ ଭାରତ ମାତ୍ର ୬ ରନରେ ଏକ ଐତିହାସିକ ବିଜୟ ହାସଲ କରି ସିରିଜ୍‌କୁ ୨-୨ରେ ସମାନ କରିଛି।

ଏହି ଟେଷ୍ଟ ମ୍ୟାଚ୍‌ରେ ଭାରତ ପ୍ରଥମ ଇନିଂସରେ ୨୨୪ ରନ କରିଥିବା ବେଳେ ଇଂଲଣ୍ଡ ୨୪୭ ରନ କରି ୨୩ ରନରେ ଅଗ୍ରଣୀ ହାସଲ କରିଥିଲା। ଭାରତର ପ୍ରଥମ ଇନିଂସରେ କରୁଣ ନାୟାରଙ୍କ ୫୭ ରନ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା, କିନ୍ତୁ ଇଂଲଣ୍ଡର ଗସ୍ ଆଟକିନସନଙ୍କ ୫/୩୩ ଫିଗର ଭାରତୀୟ ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିଥିଲା।

ଭାରତର ଦ୍ୱିତୀୟ ଇନିଂସରେ ଯଶସ୍ୱୀ ଜୟସ୍ୱାଲଙ୍କ ୧୧୮ (୧୬୪ ବଲ), ଆକାଶ ଦୀପଙ୍କ ୬୬ (୯୪ ବଲ), ରବୀନ୍ଦ୍ର ଜାଡେଜାଙ୍କ ୫୩ (୭୭ ବଲ) ଏବଂ ୱାଶିଂଟନ ସୁନ୍ଦରଙ୍କ ୫୩ (୪୬ ବଲ) ସହାୟତାରେ ଭାରତ ୩୯୬ ରନରେ ଅଲଆଉଟ ହୋଇଥିଲା। ଏହା ଇଂଲଣ୍ଡକୁ ୩୭୪ ରନର ଏକ ଚ୍ୟାଲେଞ୍ଜିଂ ଟାର୍ଗେଟ ଦେଇଥିଲା।

ଇଂଲଣ୍ଡ ଚତୁର୍ଥ ଇନିଂସରେ ବେନ ଡକେଟ (୫୪) ଓ ଜାକ କ୍ରଲେ (୧୪)ଙ୍କ ଦ୍ରୁତ ୫୦ ରନର ଓପନିଂ ଷ୍ଟାଣ୍ଡ ସହିତ ଭଲ ଆରମ୍ଭ କରିଥିଲା। କିନ୍ତୁ ସିରାଜଙ୍କ ଏକ ଘାତକ ୟର୍କର କ୍ରଲେଙ୍କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲା। ଚତୁର୍ଥ ଦିବସରେ ହାରି ବ୍ରୁକ୍ (୧୧୧) ଓ ଜୋ ରୁଟ୍ (୧୦୫) ଶତକ ହାସଲ କରି ଇଂଲଣ୍ଡକୁ ଜିତାଇବାର ବାଟରେ ନେଇଥିଲେ। କିନ୍ତୁ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଦୁଇଟି ଗୁରୁତ୍ୱପୂର୍ଣ୍ଣ



ଉଇକେଟ (ରୁଟ୍ ଓ ବେଥେଲ) ଓ ସିରାଜଙ୍କ ନିରନ୍ତର ଆକ୍ରମଣ ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲା।

ଅନ୍ତିମ ଦିବସରେ ଇଂଲଣ୍ଡ ୩୫୫/୮ରେ ଥାଇ ୧୯ ରନ ଦୂରରେ ପହଞ୍ଚିଥିଲା। ସିରାଜ ଜାମି ସ୍ମିଥ୍ ଓ ଜାମି ଓଭରଟନଙ୍କୁ ଆଉଟ କରି ଇଂଲଣ୍ଡକୁ ୩୫୪/୮ରେ ପହଞ୍ଚାଇଥିଲେ। ପ୍ରସିଦ୍ଧ କ୍ରିଷ୍ଣା ଜୋଶ ଟଙ୍ଗଙ୍କ ଷ୍ଟମ୍ପ ଉଡ଼ାଇ ଭାରତକୁ ବିଜୟର ଏକ ଉଇକେଟ ଦୂରକୁ ଆଣିଥିଲେ।

ଶେଷ ମୁହୂର୍ତ୍ତରେ ଗସ୍ ଆଟକିନସନ (୧୭) ଓ ଆହତ କ୍ରିସ ୱୋକ୍ସ (୦) କ୍ରିଜରେ ଥାଇ ଇଂଲଣ୍ଡକୁ ୩୬୭/୯ରେ ପହଞ୍ଚାଇଥିଲେ, ଯେତେବେଳେ ମାତ୍ର ୭ ରନ ଆବଶ୍ୟକ ଥିଲା। ଏହି ନିର୍ଣ୍ଣାୟକ ମୁହୂର୍ତ୍ତରେ ସିରାଜଙ୍କ ଏକ ଅଫ୍-ଷ୍ଟମ୍ପ ଭାଙ୍ଗିଦେଉଥିବା ୟର୍କର ପକାଇ ଆଟକିନସନଙ୍କୁ ଆଉଟ କରି ଭାରତକୁ ୬ ରନରେ ବିଜୟୀ କରାଇଥିଲେ।

ଶେଷ ଦିନରେ ଇଂଲଣ୍ଡକୁ ଜିତିବା ପାଇଁ ୩୫ ରନ ଓ ଭାରତକୁ ୪ ୱିକେଟ ଦରକାର ଥିବା ବେଳେ ମିଆଁ ମ୍ୟାଜିକ କିଛି ସମୟ ପାଇଁ ଦେଖିବବାକୁ ମିଳିଥିଲା। ସିରାଜ ପ୍ରଥମେ ଜାମି ସ୍ମିଥ ଓ ପରେ ୯ ରନ କରିଥିବା ଓଭରଟନଙ୍କୁ ଆଉଟ କରିଥିଲେ। ଓଭରଟନ ଆଉଟ ହେବା ବେଳକୁ ଇଂଲଣ୍ଡକୁ ଜିତିବା ପାଇଁ ୨୦ ରନ ଦରକାର ଥିଲା। ଏହାପରେ ମଧ୍ୟ ସିରାଜ ନିଜର ଶତ ପ୍ରତିଶତ ଦେଇଥିଲେ।

## ଓଭାଲ ଟେଷ୍ଟରେ ଭାରତର ଐତିହାସିକ ବିଜୟ ପରେ ବିରାଟ କୋହଲିଙ୍କ ପ୍ରତିକ୍ରିୟା





**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳ ଓଭାଲରେ ଇଂଲଣ୍ଡ ବିପକ୍ଷରେ ଏକ ରୋମାଞ୍ଚକର ୬ ରନ୍‌ରେ ବିଜୟ ହାସଲ କରି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୨ରେ ବରାବର କରିଛି। ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଏହି ମ୍ୟାଚ୍‌କୁ ପରାଜୟର ମୁଖରୁ ଛଡ଼ାଇ ଆଣି ଏକ ଐତିହାସିକ ବିଜୟ ଅର୍ଜନ କରିଛି। ପୂର୍ବତନ ଅଧିନାୟକ ବିରାଟ କୋହଲି ଏହି ବିଜୟ ପାଇଁ ଦଳକୁ ଶୁଭେଚ୍ଛା ଜଣାଇବା ସହ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ବିଶେଷ ପ୍ରଶଂସା କରିଛନ୍ତି।

ଚତୁର୍ଥ ଦିନରେ ଇଂଲଣ୍ଡର ଜୋ ରୁଟ୍ (୧୦୫) ଓ ହ୍ୟାରୀ ବ୍ରୁକ (୧୧୧)ଙ୍କ ୧୯୫ ରନ୍‌ର ଚତୁର୍ଥ ଉଇକେଟ ଭାଗୀଦାରୀ ଭାରତକୁ ଚାପରେ ରଖିଥିଲା। କିନ୍ତୁ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଅସାଧାରଣ ବୋଲିଂ ଭାରତକୁ ମ୍ୟାଚରେ ଫେରାଇ ଆଣିଥିଲା। ଅନ୍ତିମ ଦିନରେ ୩୫ ରନ୍ ରକ୍ଷା କରିବା ପାଇଁ ସିରାଜ ଅଦ୍ଭୁତ ବୋଲିଂ କରି ଶେଷ ୪ଟି ଉଇକେଟ ମାତ୍ର ୬ ରନ୍ ଦେଇ ନେଇଥିଲେ। ସିରାଜ ମ୍ୟାଚରେ ୯ଟି ଓ ସିରିଜରେ ୨୩ଟି ଉଇକେଟ ନେଇ ସର୍ବାଧିକ ଉଇକେଟ ହାସଲକାରୀ ହୋଇଛନ୍ତି, ଯାହା ତାଙ୍କୁ 'ପ୍ଲେୟାର ଅଫ ଦି ମ୍ୟାଚ' ପୁରସ୍କାର ଦେଇଛି।

ବିରାଟ କୋହଲି ଏକ୍ସରେ ଲେଖିଛନ୍ତି, "ଟିମ୍ ଇଣ୍ଡିଆର ସାନଦାର ବିଜୟ। ସିରାଜ ଓ ପ୍ରସିଦ୍ଧଙ୍କ ଅସାଧାରଣ ସାହସ ଓ ନିଷ୍ଠା ଏହି ବିଜୟ ଆଣିଦେଇଛି। ସିରାଜଙ୍କ ପାଇଁ ବିଶେଷ ପ୍ରଶଂସା, ଯିଏ ଦଳ ପାଇଁ ସବୁକିଛି ଦେଇଦିଅନ୍ତି। ତାଙ୍କ ପାଇଁ ବହୁତ ଖୁସି।" ଏହି ବିଜୟ ଭାରତର ଟେଷ୍ଟ ଇତିହାସରେ ରନ୍ ଅନୁଯାୟୀ ସବୁଠାରୁ କମ୍ ବ୍ୟବଧାନରେ ଜିତିଥିବା ମ୍ୟାଚ୍ ହୋଇଛି, ଯାହା ୨୦୦୪ରେ ଅଷ୍ଟ୍ରେଲିଆ ବିପକ୍ଷ ୧୩ ରନ୍‌ର ବିଜୟକୁ ଅତିକ୍ରମ କରିଛି। ଏହା ଓଭାଲରେ ଭାରତର ତୃତୀୟ ଟେଷ୍ଟ ବିଜୟ ଓ ଏକ ବିଦେଶୀ ମାଟିରେ ରନ୍ ଅନୁଯାୟୀ ସବୁଠାରୁ ବଡ଼ ବିଜୟ।

# ତରତୁଆ ରାଇଜିଂ ଷ୍ଟାର ଜୁନିଅର ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ : କେରଙ୍ଗ ଅହମଦୀୟା କ୍ଲବ ଚାମ୍ପିଅନ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ନିକଟସ୍ଥ ତରତୁଆ ଖେଳ ପଡ଼ିଆରେ ତରତୁଆ ରାଇଜିଂ ଷ୍ଟାର ଜୁନିଅର ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ କେରଙ୍ଗ ଅହମଦୀୟା କ୍ଲବ, ତରତୁଆ ରାଇଜିଂ ଷ୍ଟାର କ୍ଲବ, ଏସ.ଏସ ଶରଧାପୁର, ସୋରଡ଼ା, ଫ୍ରେଣ୍ଡସ୍ କ୍ଲବ ତରତୁଆ, ମା' ଯୋଗମାୟା କ୍ଲବ ଶରଧାପୁର, ଆଦିବାସୀ ଜାଗରଣ କ୍ଲବ ପାଇକତିଗିରିଆ ଏବଂ ମର୍ଣ୍ଣିଂ ଷ୍ଟାର କ୍ଲବ ଖୋର୍ଦ୍ଧା ଅଂଶଗ୍ରହଣ କରିଥିଲେ।

ପ୍ରଥମ ମ୍ୟାଚ୍ ଏସ.ଏସ. ଶରଧାପୁର ଏବଂ କେରଙ୍ଗ ଅହମଦୀୟା କ୍ଲବ ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍ କେରଙ୍ଗ ଅହମଦୀୟା କ୍ଲବ ୩-୦ ଗୋଲରେ ବିଜୟୀ ହୋଇଥିଲା।





ଦ୍ୱିତୀୟ ମ୍ୟାଚ୍ ଆଦିବାସୀ ଜାଗରଣ କ୍ଲବ ପାଇକତିଗିରିଆ ଏବଂ ମା' ଯୋଗମାୟା କ୍ଲବ ଶରଧାପୁର ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍ ପାଇକତିଗିରିଆ ୧-୦ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ତରତୁଆ ରାଇଜିଂ ଷ୍ଟାର କ୍ଲବ ଏବଂ ମର୍ଣ୍ଣିଂ ଷ୍ଟାର କ୍ଲବ ଖୋର୍ଦ୍ଧା ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚ୍‌ରେ କେହି କାହାରିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲ ମାରି ପାରିନଥିଲେ। ଶେଷରେ ଟ୍ରାଇବେକରର ସାହାଯ୍ୟ ନିଆଯାଇଥିଲା। ଟ୍ରାଇବେକର ୫-୪ ଗୋଲରେ ମର୍ଣ୍ଣିଂ ଷ୍ଟାର କ୍ଲବ ଖୋର୍ଦ୍ଧା ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍ ବାଇ ଦ୍ୱାରା ସୋରଡ଼ା ବିଜୟୀ ହୋଇଥିଲା।

ପ୍ରଥମ ସେମିଫାଇନାଲ କେରଙ୍ଗ ଅହମଦୀୟା କ୍ଲବ ଏବଂ ଆଦିବାସୀ ଜାଗରଣ କ୍ଲବ ପାଇକତିଗିରିଆ ମଧ୍ୟରେ ଖେଳାଯାଇ ଥିଲା। ଏହି ମ୍ୟାଚ୍‌ରେ କେରଙ୍ଗ ଅହମଦୀୟା କ୍ଲବ ୧-୦ ଗୋଲରେ ଆଦିବାସୀ ଜାଗରଣ କ୍ଲବ ପାଇକତିଗିରିଆକୁ ପରାସ୍ତ କରି ଫାଇନାଲରେ ସ୍ଥାନ ବନାଇଥିଲା। ଦ୍ୱିତୀୟ ସେମିଫାଇନାଲ ସୋରଡ଼ା ଏବଂ ମରନିଙ୍ଗ ଷ୍ଟାର କ୍ଲବ ଖୋର୍ଦ୍ଧା ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍ ଅମିମାଂଶିତ ହୋଇଥିବା ବେଳେ ୫-୪ ଟ୍ରାଇବେକର ମାଧ୍ୟମରେ ମର୍ଣ୍ଣିଂ ଷ୍ଟାର କ୍ଲବ ଖୋର୍ଦ୍ଧା ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ୍ ମରନିଙ୍ଗ ଷ୍ଟାର କ୍ଲବ ଖୋର୍ଦ୍ଧା ଏବଂ କେରଙ୍ଗ ଅହମଦୀୟା କ୍ଲବ ମଧ୍ୟରେ ହୋଇଥିଲା। ଫାଇନାଲ ଖେଳ ବହୁତ ସଂଘର୍ଷ ପୂର୍ଣ୍ଣ ହୋଇଥିବା ବେଳେ କେରଙ୍ଗ ଅହମଦୀୟା କ୍ଲବ ପକ୍ଷରୁ ବାରମ୍ବାର ଆକ୍ରମଣ ହେବା ଫଳରେ ମର୍ଣ୍ଣିଂ ଷ୍ଟାର କ୍ଲବ ଖୋର୍ଦ୍ଧା ଡ଼ିଫେନ୍ସ ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କୁ ରୋକି ପାରିବାରେ ବିଫଳ ହୋଇଥିଲେ। ଫଳରେ କେରଙ୍ଗ ଅହମଦୀୟା କ୍ଲବ ୪-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଏହି ଖେଳକୁ ରେଫେରି ଭାବେ ଅଫରୋଜ ଅହମଦ, ସେକ ରଫି, ସାହିଲ ଖାଁ ଏବଂ ସେକ ସାଜିଦ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସୂର୍ଯ୍ୟ ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ସଞ୍ଜୟ ବଡ଼ଜେନା, ସାହିଦ ଖାଁ ଏବଂ ପୂର୍ବତନ ପୋଲିସ କୋଚ୍ ସେକ ଅବ୍ଦୁଲ କରିମ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ସମ୍ପାଦନ କରିବାରେ ମ୍ୟାନେଜର ଜମିର ଖାଁ, କେରଙ୍ଗର ପୂର୍ବତନ ମ୍ୟାନେଜର ଅମଜଦ ଖାଁ ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ହ୍ୟାରି ବ୍ରୁକ୍ ଓ ଶୁଭମନ ଗିଲ୍‌ଙ୍କୁ ମିଳିଲା ପ୍ଲେୟାର ଅଫ୍ ଦ ସିରିଜ୍ ଆୱାର୍ଡ

**ଲଣ୍ଡନ**

ପଞ୍ଚମ ଟେଷ୍ଟ ମ୍ୟାଚ୍ ସହ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳା ଯାଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ସମାପନ ଘଟିଛି। ସୋମବାର ଭାରତ ଅନ୍ତିମ ଟେଷ୍ଟକୁ ରୋମାଞ୍ଚକର ଭାବେ ୬ ରନରେ ଜିତି ନେଇ ସିରିଜ୍‌କୁ ୨-୨ରେ ବରାବର କରିଛି। ୩୭୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଘରୋଇ ଦଳ ୩୬୭ ରନରେ ଅଲଆଉଟ୍ ହୋଇଛି। ଦ୍ରୁତ ବୋଲର ମହମ୍ମଦ ସିରାଜ ୫ ୱିକେଟ୍ ଓ ପ୍ରସିଦ୍ଧ କୃଷ୍ଣ ୪ ୱିକେଟ୍ ନେଇ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ସିରାଜ୍ ମ୍ୟାଚ୍‌ରେ ୯ ୱିକେଟ୍ ନେଇ ପ୍ଲେୟାର ଅଫ ଦ ସିରିଜ୍ ପୁରସ୍କାର ଜିତିଛନ୍ତି। ଏହା ବାଦ୍ ଦୁଇ ଖେଳାଳିଙ୍କୁ ପ୍ଲେୟାର ଅଫ୍ ଦ ସିରିଜ୍ ଆୱାର୍ଡ ମିଳିଛି। ସ୍ୱାଭାବିକ ଭାବେ ଭାରତର ଅଧିନାୟକ ଶୁଭମନ ଗିଲ୍ ପ୍ଲେୟାର ଅଫ ସିରିଜ୍ ପାଇଥିବା ବେଳେ ଇଂଲଣ୍ଡର ହ୍ୟାରି ବ୍ରୁକଙ୍କୁ ମଧ୍ୟ ଏହି ପୁରସ୍କାର ମିଳିଛି। ତେଣୁ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ଯେ, ଗିଲ୍‌ଙ୍କ ସହ ବ୍ରୁକଙ୍କୁ କାହିଁକି ପ୍ଲେୟାର ଅଫ ଦ ପୁରସ୍କାର ଦିଆଗଲା।

ଇଂଲଣ୍ଡରେ ଟେଷ୍ଟ ସିରିଜ୍‌ରେ ଦୀର୍ଘ ସମୟରୁ ଚାଲି ଆସିଥିବା ପରମ୍ପରା ଅନୁସାରେ ଦୁଇ ଦଳର ଜଣେ-ଜଣେ ଖେଳାଳିଙ୍କୁ ପ୍ଲେୟାର ଅଫ ଦ ସିରିଜ୍ ପୁରସ୍କାର ଦିଆଯାଏ। ଇଂଲଣ୍ଡ ପକ୍ଷରୁ ବ୍ରୁକଙ୍କୁ ଏହି ପୁରସ୍କାର ମିଳିଥିବା ବେଳେ ଭାରତ ପକ୍ଷରୁ ଶୁଭମନ ଗିଲ୍ ବାଜି ମାରିଛନ୍ତି। ତେବେ ସିରିଜରେ ପ୍ଲେୟାର ଅଫ ଦ ସିରିଜ୍ ପୁରସ୍କାର କେଉଁ ଦୁଇ ଖେଳାଳିଙ୍କୁ ମିଳିବ ତା'ର ଚୟନ ଦୁଇ ଦଳର କୋଚ୍ କରିଥାନ୍ତି। ଭାରତର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ହ୍ୟାରି ବ୍ରୁକଙ୍କୁ ଚୟନ କରିଥିବା ବେଳେ ଇଂଲଣ୍ଡର ମୁଖ୍ୟ ପ୍ରଶିକ୍ଷକ ବ୍ରେଣ୍ଡନ ମ୍ୟାକକଲମ ଶୁଭମନ ଗିଲ୍‌ଙ୍କ ଉପରେ ମୋହର ମାରିଛନ୍ତି। ଉଲ୍ଲେଖନୀୟ ଇଂଲଣ୍ଡରେ ପ୍ଲେୟାର ଅଫ ଦ ସିରିଜ୍ ଏବଂ ପ୍ଲେୟାର ଅଫ ଦ ଆୱାର୍ଡ ଜିତିବାରେ ଶୁଭମନ ଗିଲ୍ ହେଉଛନ୍ତି ଏକମାତ୍ର ଅଧିନାୟକ। ତାଙ୍କୁ ଦ୍ୱିତୀୟ ଟେଷ୍ଟରେ ଖେଳିଥିବା ଦ୍ୱିଶତକୀୟ ଇନିଂସ ପାଇଁ ପ୍ଲେୟାର ଅଫ ମ୍ୟାଚ୍ ଚୟନ କରାଯାଇଥିଲା। ଗିଲ୍ ଇଂଲଣ୍ଡ ଗସ୍ତରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୭୫.୪୦ ହାରରେ ୭୫୪ ରନ କରିଛନ୍ତି। ଏଥିରେ ୪ ଶତକ ସାମିଲ୍। ଶୁଭମନ ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ କରିଥିବା ଅଧିନାୟକଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗିଲ୍‌ଙ୍କ ଆଗରେ କେବଳ ଡନ ବ୍ରାଡମ୍ୟାନ ଅଛନ୍ତି, ଯିଏ ୧୯୩୬/୩୭ରେ ଇଂଲଣ୍ଡ ବିପକ୍ଷରେ ୮୧୦ ରନ କରିଥିଲେ। ଅନ୍ୟପଟେ ବ୍ରୁକ ଭାରତ ବିପକ୍ଷରେ ୫୩.୪୪ ହାରରେ ୪୮୧ ରନ କରିଛନ୍ତି। ଏଥିରେ ଦୁଇଟି ଶତକ ସାମିଲ୍। ସେ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡର ଦ୍ୱିତୀୟ ସର୍ବାଧିକ ରନ ହାସଲକାରୀ ବ୍ୟାଟର ରହିଛନ୍ତି।

## ବୟସ ଜାଲିଆତି ରୋକିବାକୁ ବିସିସିଆଇର ବଡ଼ ପଦକ୍ଷେପ : ନିଯୁକ୍ତ ହେବେ ବାହ୍ୟ ଏଜେନ୍ସି

**ନୂଆଦିଲ୍ଲୀ**

ବୟସ ଜାଲିଆତି ରୋକିବାକୁ ଅଣ୍ଟା ଭିଡିଛି ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)। ଏହା ଅଧୀନରେ, ବୋର୍ଡ ଖେଳାଳିଙ୍କ ତଦନ୍ତ ପାଇଁ ଏକ ବାହ୍ୟ ଏଜେନ୍ସି ନିଯୁକ୍ତ କରିବ। ଯାହା ଖେଳାଳିଙ୍କ ଯୋଗ୍ୟତା ଯାଞ୍ଚ କରିବ। ରିପୋର୍ଟ ଅନୁଯାୟୀ, ଏଥିପାଇଁ ଆରପିଏଫ (ପ୍ରସ୍ତାବର ଅନୁରୋଧ) ଜାରି କରାଯାଇଛି। ଯେଉଁଥିରେ ବଡ଼ ଓ ଜଣାଶୁଣା କମ୍ପାନୀଗୁଡ଼ିକୁ ନିଲାମ ପ୍ରକ୍ରିୟାରେ ସାମିଲ ହେବାକୁ ଆମନ୍ତ୍ରଣ କରାଯାଇଛି।

ଏହି ନୂଆ ନିୟମ ଅନୁଯାୟୀ, ବିସିସିଆଇ ଦୁଇ-ସ୍ତରୀୟ ବୟସ ଯାଞ୍ଚ ବ୍ୟବସ୍ଥା କରିଛି। ଦୁଇ-ସ୍ତରୀୟ ବୟସ ଯାଞ୍ଚ ବ୍ୟବସ୍ଥାରେ ଡକ୍ୟୁମେଣ୍ଟ ଓ ଜନ୍ମ ପ୍ରମାଣପତ୍ରର ଯାଞ୍ଚ ଅନ୍ତର୍ଭୁକ୍ତ ରହିବ। ଯାହା ଖେଳାଳିଙ୍କ ବୟସ ନିର୍ଣ୍ଣୟ କରିବ। ଏହା ପରେ, ଟିଡବ୍ଲୁ୨ ଅର୍ଥାତ୍ ଟାନର୍ ହ୍ୱାଇଟ୍‌ହାଉସ୍ ୩। ଯେଉଁଥିରେ ହାଡ଼ ପରୀକ୍ଷା ହେବ। ଏଗୁଡ଼ିକ ପ୍ରାୟତଃ ୧୬ ବର୍ଷରୁ କମ୍ ପୁଅ ଓ ୧୫ ବର୍ଷରୁ କମ୍ ଝିଅଙ୍କ ସ୍ତରରେ କରାଯାଏ।

ଏହି ବାହ୍ୟ ଏଜେନ୍ସି ନିଲାମ ପ୍ରକ୍ରିୟା ଅଗଷ୍ଟ ଶେଷ ସୁଦ୍ଧା ହେବାର ଆଶା କରାଯାଉଛି। କ୍ରିକବଜ୍ ରିପୋର୍ଟ ଅନୁଯାୟୀ, ଏହି ପଦକ୍ଷେପ ପଛରେ କାରଣ ସମ୍ପୂର୍ଣ୍ଣ ସ୍ପଷ୍ଟ ନୁହେଁ। କିନ୍ତୁ ଏହା ଦେଖାଯାଉଛି ଯେ ଦାଖଲ କରାଯାଇଥିବା ଡକ୍ୟୁମେଣ୍ଟ କିମ୍ବା ପ୍ରମାଣପତ୍ର ସନ୍ଦେହଜନକ ଥିବା ମାମଲା ପରେ ଏହା ଘଟିଛି। ବିସିସିଆଇ ସିଷ୍ଟମରେ ଅଧିକ ବୟସର ଖେଳାଳିଙ୍କ ପ୍ରବେଶର ସମ୍ଭାବନାକୁ ଦୂର କରିବାକୁ ଲକ୍ଷ୍ୟ ରଖିଛି।

ବିସିସିଆଇ ବିଡିଂ କମ୍ପାନୀ କିମ୍ବା ଏଜେନ୍ସି ପାଇଁ କିଛି ସର୍ତ୍ତ ମଧ୍ୟ ରଖିଛି। ଯେପରିକି ସେମାନଙ୍କର ଫାର୍ମଗୁଡ଼ିକୁ ଯାଞ୍ଚ ସେବା ପ୍ରଦାନ କରିବାରେ ଅତି କମରେ ୩ ବର୍ଷର ଅଭିଜ୍ଞତା ରହିବା ଉଚିତ। ଭାରତରେ ଏକ ନେଟୱର୍କ ରହିବା ଉଚିତ କିମ୍ବା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଶାରୀରିକ ଏବଂ ଡିଜିଟାଲ୍ ଭାବରେ ଯାଞ୍ଚ କରିବାର କ୍ଷମତା ରହିବା ଉଚିତ।

ରିପୋର୍ଟ ଅନୁଯାୟୀ, ଈଉଡଓ ଚାହୁଁଛି ଯେ ସେମାନେ ପରିଚୟ ପ୍ରମାଣ (ଆଧାର, ପାସପୋର୍ଟ), ବୟସ ପ୍ରମାଣ (ଜନ୍ମ ପ୍ରମାଣପତ୍ର, ସ୍କୁଲ ରେକର୍ଡ), ବାସସ୍ଥାନ ପ୍ରମାଣ, ଶିକ୍ଷାଗତ ରେକର୍ଡ ଇତ୍ୟାଦି ସମେତ ବିଭିନ୍ନ ଡକ୍ୟୁମେଣ୍ଟ ଯାଞ୍ଚ କରିବାର କ୍ଷମତା ପ୍ରଦର୍ଶନ କରନ୍ତୁ। ଆବଶ୍ୟକ ହେଲେ, ବିଶେଷକରି ଗ୍ରାମାଞ୍ଚଳରେ ବ୍ୟକ୍ତିଗତ ଭାବରେ କ୍ଷେତ୍ର ଯାଞ୍ଚ କରିବାର କ୍ଷମତା ମଧ୍ୟ ରଖନ୍ତୁ।

ଯଦି କୌଣସି ଖେଳାଳି ବୟସ ଜାଲିଆତିରେ ଦୋଷୀ ସାବ୍ୟସ୍ତ ହୁଅନ୍ତି। ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଅନେକ ଖେଳାଳିଙ୍କ ବିରୁଦ୍ଧରେ ବୟସ ଜାଲିଆତି ଅଭିଯୋଗ ଆସିଛି। ସମ୍ପ୍ରତି, ବୈଭବ ସୂର୍ଯ୍ୟବଂଶୀଙ୍କ ବୟସ ବିଷୟରେ ମଧ୍ୟ ପ୍ରଶ୍ନ ଉଠିଥିଲା। କିନ୍ତୁ ଏହି ଦାବିଗୁଡ଼ିକ ମିଥ୍ୟା ପ୍ରମାଣିତ ହୋଇଥିଲା।

## ଆନ୍ତଃ ଡାଇରେକ୍ଟରେଟ ସ୍ତରୀୟ ଜାତୀୟ ବନ୍ଧୁକ ଚାଳନା ପ୍ରତିଯୋଗିତା ପାଇଁ ଗଲେ ୧୬ ଏନସିସି କ୍ୟାଡେଟ୍



**କେନ୍ଦୁଝର, ନ୍ୟୁଜ୍**

୨୦୨୫ ମସିହା ପାଇଁ ଆୟୋଜିତ ଆନ୍ତଃ ଡାଇରେକ୍ଟରେଟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାଗ ନେବା ପାଇଁ ୧୬ ଜଣ ଏନସିସି କ୍ୟାଡ଼ିଟେସ୍ ୫ ଜଣ ଅଧିକାରୀ ଓ ଦୁଇଜଣ କୋଚ୍ ମହାରାଷ୍ଟ୍ରର କୋହ୍ଲାପୁର ଯାତ୍ରା କରିଛନ୍ତି। ବିଭିନ୍ନ ପରୀକ୍ଷା ପ୍ରକ୍ରିୟା ମାଧ୍ୟମରେ ଓଡ଼ିଶାର ବିଭିନ୍ନ ଏନସିସି ୟୁନିଟ ମାନଙ୍କରୁ ଶ୍ରେଷ୍ଠ ତଥା ପାରଦର୍ଶୀ ପ୍ରଦର୍ଶନ କରିଥିବା ଏହି ୧୬ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଗ୍ରୁପ କମାଣ୍ଡର ତଥା ୧୪ ଏନସିସି ବାଟାଲିୟନ କମାଣ୍ଡିଙ୍ଗ ଅଫିସର ଜୟନ୍ତ ମୋହନ ଯୋଶୀ, ପ୍ରଶାସନିକ ଅଧିକାରୀ ତଥା ଲେଫ୍ଟନାଣ୍ଟ କର୍ଣ୍ଣେଲ ମୟୁର ଘଡ଼୍‌ଗେ, ସମସ୍ତ ପ୍ରତିଯୋଗୀ କ୍ୟାଡେଟଙ୍କୁ ସର୍ବୋତ୍ତମ ପ୍ରଦର୍ଶନ କରିବା ପାଇଁ ପ୍ରେରଣା ପ୍ରଦାନ କରିବା ସହିତ ଶୁଭେଚ୍ଛା ଦେଇଥିଲେ। କେନ୍ଦୁଝରର ଏନସିସି କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ମୟୁର ଘଡଗେଙ୍କ ମାର୍ଗଦର୍ଶନ ଓ ପ୍ରଶିକ୍ଷଣରେ ୧୪ ଏନସିସି ବାଟାଲିୟନ ଅତି କଠିନ ଚୟନ ପଦ୍ଧତି ମାଧ୍ୟମରେ କେନ୍ଦୁଝରର କ୍ୟାଡେଟଙ୍କ ସହିତ ୧୨ ବାଟାଲିୟନ ଢେଙ୍କାନାଳ, ୧୧ ବାଟାଲିୟନ ବଲାଙ୍ଗୀର, ୫ବାଟାଲିୟନ ସମ୍ବଲପୁର, ୩ ବାଟାଲିୟନ କଟକର କ୍ୟାଡେଟ୍ ମାନେ ଏହି ଜାତୀୟ ସ୍ତରୀୟ ଚାମ୍ପିୟାନସିପରେ ଭାଗ ନେବା ପାଇଁ କୋହ୍ଲାପୁର ଯାତ୍ରା କରିଛନ୍ତି। ସେମାନଙ୍କ ସହିତ ପ୍ରଶିକ୍ଷକ ଲେଫ୍ଟନାଣ୍ଟ ସଲମା କିସ୍କୁ, ପିଆଇ ତୁଲ ବାହାଦୂର, ପିଆଇ କମଲଜିତ ସିଂ ଓ ପିଆଇ କିଶୋର ମଧ୍ୟ କୋହ୍ଲାପୁର ଯାତ୍ରା କରିଛନ୍ତି। କୋହ୍ଲାପୁରରୁ ଏହି ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ସହ ମେଡାଲ ଜିତିବାର ଆଶା ରଖି ଓଡ଼ିଶା ଏନସିସି କାର୍ଯ୍ୟାଳୟ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

## ହାତୀଦାନ୍ତ ଚୋରା ଚାଲାଣ ବେଳେ ୨ଜଣଙ୍କୁ ଧରିଲା ପୋଲିସ ଓ ବନ ବିଭାଗ ମିଳିତ ଟିମ୍

**କେନ୍ଦୁଝର, ନ୍ୟୁଜ୍**

ବନ୍ୟପ୍ରାଣୀ ଅପରାଧ ରୋକିବାରେ ସରକାର ପଦକ୍ଷେପ ନେଉଥିବା ବେଳେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛନ୍ତି। କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପାଟଣା ବନ ବିଭାଗ ଏବଂ ପୁଲିସର ଏକ ମିଳିତ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଅବୈଧ ଭାବେ ଘରେ ହାତୀ ଦାନ୍ତ ରଖିବା ଏବଂ ଏହି ବ୍ୟବସାୟରେ ଜଡ଼ିତ ଦୁଇ ଜଣଙ୍କୁ ଗିରଫ କରିଛି। ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ, ୨ତାରିଖ ରାତିରେ ପାଟଣା ରେଞ୍ଜର ମଳିପୋଷି ବିଟ୍ ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମ ଏବଂ ଏହାର ଆଖପାଖରେ ଏକ ମିଳିତ ଅଭିଯାନ କରା ଯାଇଥିଲା। ରାତି ପ୍ରାୟ ୧୦ଟା ସମୟରେ ପାଟ୍ରୋଲିଂ ଦଳ ଜଣେ ବ୍ୟକ୍ତିଙ୍କୁ ଏକ ଧଳା ବ୍ୟାଗ୍ ସହିତ ସନ୍ଦେହଜନକ ଭାବରେ କାର୍ଯ୍ୟ କରୁଥିବା ଦେଖିଥିଲେ। ପଚରାଉଚରା କରିବା ପରେ ବ୍ୟକ୍ତି ଜଣକ ନିଜକୁ ମଦନ ମୋହନ ତାମୁଡ଼ିଆ, ବୟସ ୩୮, ପୁଅ ବଂଶୀଧର ତାମୁଡ଼ିଆ, ପାଟଣା



ପୋଲିସ ଷ୍ଟେସନ ଅନ୍ତର୍ଗତ ଏରେଣ୍ଡେଇ ଗ୍ରାମର, ବୋଲି କେନ୍ଦୁଝର ପୋଲିସକୁ ପରିଚୟ ଦେଇଥିଲେ। ତାଙ୍କ ବ୍ୟାଗ ଯାଞ୍ଚ କରିବା ସମୟରେ, ଚଢ଼ଉ ଦଳ ଘଟଣାସ୍ଥଳରୁ ଦୁଇଟି ହାତୀ ଦାନ୍ତ ଏବଂ ପରେ ଆଉ ଗୋଟିଏ ଦାନ୍ତ ଜବତ କରିଥିଲା। ଚଳିତ ବର୍ଷ ରଜ ସମୟରେ କେନ୍ଦୁଝର ଜିଲ୍ଲାର ସୋସୋ ଥାନା ଅନ୍ତର୍ଗତ ହଦଗଡ଼ ଗ୍ରାମର ରଥ ସୋରେନ ଏହି ଦାନ୍ତ ଯୋଗାଇଥିଲେ ବୋଲି ପଚରା ଉଚୁରାରୁ ଜଣାପଡ଼ିଥିଲା। ୨୦୨୨ ମସିହାରେ ସଂଶୋଧିତ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ର ଧାରା ୫୧ ଅନୁଯାୟୀ ଦଣ୍ଡନୀୟ ଧାରା ୨(୧୬), ୨(୩୧), ୯, ୩୯(୩), ୪୪, ୪୯-ଏ, ଏବଂ ୪୯-ବି ଉଲ୍ଲଂଘନ ପାଇଁ ୨୦୨୫-୨୬ ର ଓ.ଆର. ମାମଲା ନଂ. ୪୦ ଅନୁଯାୟୀ ଏକ ମାମଲା ରୁଜୁ ହୋଇ ବଂଶୀ ଓ ରଥଙ୍କୁ ଗିରଫ କରାଯାଇଛି। ଜବତ ହୋଇଥିବା ହାତୀଦାନ୍ତର ଓଜନ ୩କିଲୋ ୨୮୦ଗ୍ରାମର ହେବ ବୋଲି ଜଣାପଡ଼ିଛି। ଏହି ହାତୀଦାନ୍ତ ଚଢ଼ଉ ସମ୍ପର୍କରେ କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସହକାରୀ ବନ ସଂରକ୍ଷକ ଅଶୋକ ଦାସ, ସୁଦୀପ୍ତ ପଣ୍ଡା ଓ ଡିଏସ୍‌ପି ପ୍ରୋବେସନର ସୌରଭ ପ୍ରଧାନ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କୁ ଭେଟି ଜିଲ୍ଲାର ବିଭିନ୍ନ ସମସ୍ୟା ଜଣାଇଲେ ଓଡ଼ିଶା ସାମ୍ବାଦିକ ସଂଘ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**


ସୁବର୍ଣ୍ଣପୁର ନୂତନ ଜିଲ୍ଲାପାଳ ଡଃ ନୃପରାଜ ସାହୁଙ୍କୁ ଜିଲ୍ଲାପାଳଙ୍କ ବାସଭବନ ଅଫିସରେ ସୌଜନ୍ୟ ମୂଳକ ସାକ୍ଷାତ କଲେ ଓଡ଼ିଶା ସାମ୍ବାଦିକ ସଂଘ ସୋନପୁର ଜିଲ୍ଲା ଶାଖା କର୍ମକର୍ତ୍ତା। ସଂଘର କିଛି ସ୍ମୃତି ଫଳକ ପ୍ରଦାନ କରି ଜିଲ୍ଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ପରେ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ଓ ପର୍ଯ୍ୟଟନ, ଗମନାଗମନ, ଜଳ-ସେଚନ, ରାଜସ୍ୱ, ପରିବେଶ ଓ ପରିମଳ ସମସ୍ୟା ସମାଧାନ ସହ ଦୁଇ ଗୋଟି ଅସ୍ଥାୟୀ ଯାତ୍ରୀ ବିଶ୍ରାମଗାର ବସଷ୍ଟାଣ୍ଡ ଓ ବ୍ଲକ୍ ଛକ ଠାରେ ନିର୍ମାଣ, ଆଲୋକିକରଣ, ଯାତ୍ରୀ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଚାରି ପାର୍ଶ୍ୱରେ ହୋଡ଼ିଂ ଓ ଷ୍ଟ୍ରିଟ ଟଏଲେଟ୍ ନିର୍ମାଣ, ପ୍ରାଚୀନ ଓ ଅବହେଳିତ ମନ୍ଦିର ଓ ପଞ୍ଚବଟି ଉଦ୍ୟାନର ପୁନରୁଦ୍ଧାର, ଗୋ-ସୁରକ୍ଷା ଓ ଦେବୋତ୍ତର ବିଭାଗକୁ ସକ୍ରିୟ କରିବା ଉପରେ ବିସ୍ତାର ଭାବେ ଆଲୋଚନା କରିଥିଲେ ଓ ଅନେକ ଗୁଡ଼ିଏ ପ୍ରସ୍ତାବ ଆଗତ କରିଥିଲେ। ଯଥା ସହରର କ୍ରମବର୍ଦ୍ଧିଷ୍ଣୁ ବଲାଙ୍ଗୀର ରାସ୍ତାରେ ଝିଙ୍କିଟିକ୍ରା ପର୍ଯ୍ୟନ୍ତ ଏବଂ ବିନିକା ରାସ୍ତାରେ କେନ୍ଦ୍ରୀୟ ବିଦ୍ୟାଳୟ ଛକ ପର୍ଯ୍ୟନ୍ତ ଷ୍ଟ୍ରୀଟ ଲାଇଟ ବ୍ୟବସ୍ଥା, ନୂଆଁ ମେଡିକାଲରେ ରୋଗୀଙ୍କୁ ଡାକ୍ତର ଏବଂ କର୍ମଚାରୀଙ୍କ ବ୍ୟବହାରରେ ସୁଧାର ଆଣିବା, ଦୁର୍ବ୍ୟବହାର ଦେଖାଇଥିବା ସମ୍ବେଦନଶୀଳ ଘଟଣାରେ ଡାକ୍ତରଙ୍କ ଉପରେ ଆକ୍ସନ ନେବାକୁ ଓ ମେଡିକାଲରେ ଏକ ଅସ୍ଥାୟୀ ପୋଲିସ ଫାଣ୍ଡି ସ୍ଥାପନ ସହ ସିସିଟିଭି ଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରି ରୋଗୀଙ୍କ ଯାନବାହନ ଓ ଧନ ଜୀବନ ସୁରକ୍ଷା, ବିଭିନ୍ନ ବିଭାଗରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ପ୍ରାଚୀନ କାଳରୁ ଚାଲି ଆସିଥିବା ବିଶ୍ୱ ପ୍ରସିଦ୍ଧ ମହାବଳୀ ଯାତ୍ରାକୁ ଗୁରୁତ୍ୱ ଦେବା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ



ଆବଶ୍ୟକ ଭିତ୍ତିଭୂମି, ସୁରକ୍ଷା, ପରିବେଶ ଓ ଶିକ୍ଷକ ନିଯୁକ୍ତି, ଝିଙ୍କିଟିକ୍ରା ସ୍ଥିତ ପଞ୍ଚବଟି ମେଗା ପ୍ରକଳ୍ପକୁ ପୁନଃ ଉଦ୍ଧାର ସହ ପରିଚାଳନା ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଘୋଟାଲାର ତଦନ୍ତ, ରାଜା ଉଆସ ନିକଟରେ ସହରର ଅଷ୍ଟ ଶମ୍ଭୁ ଦେବତା ମଧ୍ୟରେ ଲୁକ୍କାୟିତ ଓ ଅପୂଜା ଅବସ୍ଥାରେ ପଡ଼ିଥିବା ପ୍ରାଚୀନ ମନ୍ଦିର ରୁଦ୍ରନାଥ, ସିଦ୍ଧେଶ୍ୱର ଓ ବାଲୁଙ୍କେଶ୍ୱର ସମେତ ସୋନପୁର ବ୍ଲକ ଅନ୍ତର୍ଗତ ଅଷ୍ଟାଦଶ ଶତାବ୍ଦୀରେ ନିର୍ମିତ ବୈଦ୍ୟନାଥର ପ୍ରସିଦ୍ଧ କୋଶୋଳେଶ୍ୱର ଶୈବ ପୀଠର ପୁନଃରୁଦ୍ଧାର ଓ ବୀରମହାରାଜପୁର ଗୋଧେନେଶ୍ୱର ଶୈବପୀଠର ଯତ୍ନ, ଅଙ୍ଗ କେନାଲ ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରିବା, ହାଇଟେକ୍ ସର୍ଭେକୁ ଶୀଘ୍ର ସାରି ଲୋକଙ୍କୁ ଶୀଘ୍ର ଜମିପଟ୍ଟା ପ୍ରଦାନ ଓ ଦେବୋତ୍ତର ବିଭାଗ କୁ ସକ୍ରିୟ କରି ମନ୍ଦିର ମାଳିନୀ ସହରର ଗାରିମା ବୃଦ୍ଧି କରିବା ଆଦି ଦାବି ଉପସ୍ଥାପନା କରିଥିଲେ ଉକ୍ତ ସଂଘ କର୍ମକର୍ତ୍ତା। ଜିଲ୍ଲାପାଳ ଡଃ ସାହୁ ମଧ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇ ଥିଲେ। ଏଠାକାର ଲୋକଙ୍କ ଚାଲିଚଳଣ ବ୍ୟବହାର ପରିବେଶରେ ସେ ଖୁସି ବୋଲି ମତ ରଖି ଶହେରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ଉତ୍କଣ୍ଠାର ସହ ଏଠି ମୋତେ ସ୍ୱାଗତ କରି 'ଦାବି କରିଥିଲେ ଅନେକ କିନ୍ତୁ ମତ ଏକ' ବୋଲି ଲୋକଙ୍କ ଉତ୍ସାହ ଏକତାକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାମ୍ବାଦିକ ସଂଘର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପର୍ଶୁରାମ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ପାତ୍ର, ରାଜ୍ୟ ସାଂଗଠାନିକ ସଂପାଦକ ରାଜ କିଶୋର ତ୍ରୀପାଠୀ, ଜିଲ୍ଲା ସଭାପତି ମନୋରଞ୍ଜନ ତ୍ରୀପାଠୀ, ଉପ ସଭାପତି ରତନ ପଟ୍ଟନାୟକ, ସମ୍ପାଦକ ମହାଦେବ ମଲ୍ଲିକ, ସାମ୍ବାଦିକ ସୁବାଷ ଚରଣ ପଣ୍ଡା ସାମିଲ୍ ଥିଲେ।



# ଅନ୍ତ୍ୟୋଦୟ ଗୃହ ଯୋଜନା ପୋର୍ଟାଲ ମାଧ୍ୟମରେ ୫୭,୩୦୮ ହିତାଧିକାରୀ ପାଇ ସାରିଛନ୍ତି ପ୍ରଥମ କିସ୍ତି




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ବିଭିନ୍ନ ବର୍ଗର ୫୭,୩୦୮ ଜଣ ହିତାଧିକାରୀ ପ୍ରଥମ କିସ୍ତି ଅର୍ଥରାଶି ପାଇସାରିଛନ୍ତି । ଏହା ରାଜ୍ୟ ସରକାରଙ୍କ ପ୍ରମୁଖ ଗ୍ରାମୀଣ ଗୃହ ନିର୍ମାଣ ପଦକ୍ଷେପର କାର୍ଯ୍ୟାନ୍ୱୟନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି । ପୋର୍ଟାଲର ସୁଗମ କାର୍ଯ୍ୟକ୍ଷମତା ଯୋଗୁ ବଂଟନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ସହ ଯୋଗ୍ୟ ହିତାଧିକାରୀଙ୍କୁ ସମୟୋଚିତ ଏବଂ ସ୍ୱଚ୍ଛ ଆର୍ଥିକ ସହାୟତା ପ୍ରଦାନ ସୁନିଶ୍ଚିତ ହୋଇଛି । ମୋଟ ୫୭,୩୦୮ ଜଣ ହିତାଧିକାରୀ ଅନ୍ତ୍ୟୋଦୟ ଗୃହ ଯୋଜନା ପୋର୍ଟାଲ ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଂଟରେ ସେମାନଙ୍କର ପ୍ରଥମ କିସ୍ତି ଗୃହ ସହାୟତା ପାଇଛନ୍ତି । ଏହା ବ୍ୟତୀତ, ୧,୩୬୮ ଜଣ ହିତାଧିକାରୀ ଦ୍ୱିତୀୟ କିସ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ନିର୍ମାଣ ପ୍ରଗତିର ସଫଳ ଯାଞ୍ଚ ଏବଂ କ୍ଷେତ୍ରସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ପ୍ରଭାବଶାଳୀ ତଦାରଖ ସ୍ୱଚ୍ଛତା ଅବଲମ୍ବନରେ ସହାୟକ ହୋଇଛି । ସ୍ୱୟଂଚାଳିତ ଆଧାର-ଆଧାରିତ ପେମେଣ୍ଟ ସିଷ୍ଟମ ସମନ୍ୱୟ ତ୍ରୁଟିକୁ ହ୍ରାସ କରିବା ସହ ପାଣ୍ଠି ବଣ୍ଟନକୁ ତ୍ୱରାନ୍ୱିତ କରିଛି । ସୂଚନାଯୋଗ୍ୟ ଯେ ରାଜ୍ୟବାସୀଙ୍କ ଆବଶ୍ୟକତାକୁ ହୃଦୟଙ୍ଗମ କରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରଣୀତ ହୋଇଥିଲା ଅନ୍ତ୍ୟୋଦୟ ଗୃହ ଯୋଜନା । ହିତାଧିକାରୀ ତାଲିକାକୁ ଆହୁରି ସମବେଶୀ କରିବା ପାଇଁ ଦିବ୍ୟାଙ୍ଗ ବିଭିନ୍ନ ବର୍ଗର ଗୃହହୀନ କିମ୍ବା କଚ୍ଚା ଘରେ ବାସ କରୁଥିବା ପରିବାର ଏହି ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହେବାର ପ୍ରାବଧାନ ରହିଛି । ଏହା ମଧ୍ୟରେ ପ୍ରାକୃତିକ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟରେ ଅଥବା ହାତୀ ଉପଦ୍ରବରେ ସମ୍ପୂର୍ଣ୍ଣ / ଭୀଷଣ ଭାବରେ ପ୍ରଭାବିତ ପରିବାର, ସରକାରୀ ପ୍ରକଳ୍ପ ସ୍ଥାନାନ୍ତରଣ ଆବଶ୍ୟକ କରୁଥିବା ସଂରକ୍ଷିତ ଅଞ୍ଚଳରେ ବସବାସ କରୁଥିବା ପରିବାର, ମୁଖ୍ୟ ଉପାର୍ଜନକାରୀ ଅତି କମ୍ ରେ ୪୦% ପ୍ରତିଶତ ଶାରୀରିକ ଭିନ୍ନକ୍ଷମ ଥିବା ପରିବାର, ନାବାଳକ ସନ୍ତାନ ଥିବା ବିଧବା ମହିଳା, ପରିବାରର ମୁଖ୍ୟ ଗୁରୁତର ରୋଗରେ ଆକ୍ରାନ୍ତ ଥିବା ପରିବାର, କୁଷ୍ଠ ରୋଗରୁ ମୁକ୍ତ, ମୁକ୍ତ ଗୋଟି ଶ୍ରମିକ, ଶହୀଦ ପରିବାର, ଜାତୀୟ ପୁରସ୍କାରପ୍ରାପ୍ତ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ତୁରନ୍ତ ଗୃହ ଆବଶ୍ୟକ କରୁଥିବା ପରିବାର ରହିଛନ୍ତି ।

# ଗିନିଜ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଲା ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା ୨୦୨୫'




**ନୂଆଦିଲ୍ଲୀ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା(ପିପିସି) - ୨୦୨୫ ଗୋଟିଏ ମାସରେ ସର୍ବାଧିକ ପଞ୍ଜୀକରଣ ପାଇଁ ଗିନିଜ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦଙ୍କ ସହିତ ଆନୁଷ୍ଠାନିକ ଭାବରେ 'ପରୀକ୍ଷା ପେ ଆଲୋଚନା' ପାଇଁ ଗିନିଜ୍ ୱାର୍ଲଡ୍ ରେକର୍ଡର ଏକ ପ୍ରମାଣପତ୍ର ଗ୍ରହଣ କରିଛନ୍ତି । ଶ୍ରୀ ପ୍ରଧାନ ଖୁସି ପ୍ରକାଶ କରିବା ସହ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ 'ପରୀକ୍ଷା ପେ ଚର୍ଚ୍ଚା' ପାଇଁ ଗିନିଜ୍ ୱାର୍ଲଡ୍ ରେକର୍ଡ ଗ୍ରହଣ କରିବା ମୋ ପାଇଁ ଆନନ୍ଦ ଏବଂ ଆତ୍ମସନ୍ତୋଷର ବିଷୟ । ୩ କୋଟି ୫୩ ଲକ୍ଷରୁ ଅଧିକ ପଞ୍ଜୀକରଣ ଏବଂ ଟେଲିଭିଜନରେ ୨୧ କୋଟିରୁ ଅଧିକ ଦର୍ଶକମାନେ ଏହାର ପ୍ରସାରଣ ଦେଖିଛନ୍ତି, ଯାହା ଦ୍ୱାରା ପରୀକ୍ଷା ପେ ଚର୍ଚ୍ଚା -୨୦୨୫କୁ ଏକ ବିଶ୍ୱ ରେକର୍ଡର ସ୍ଥାନ ଦେଇଛି । ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପାଇଁ ଶ୍ରୀ ପ୍ରଧାନ ଦେଶର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ସ୍କୁଲଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ ଆମର ଏଗଜାମ ୱାରିୟର୍ସ ତଥା ପରୀକ୍ଷା ଯୋଦ୍ଧା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବହୁ ପ୍ରତୀକ୍ଷିତ ଆଲୋଚନା କାର୍ଯ୍ୟକ୍ରମ ହେଉଛି 'ପରୀକ୍ଷା ପେ ଆଲୋଚନା' । ଚାପମୁକ୍ତ ଏବଂ ଆନନ୍ଦଦାୟକ ଶିକ୍ଷା ପାଇଁ ଏହି କାର୍ଯ୍ୟକ୍ରମ ଏକ ଦେଶବ୍ୟାପୀ ମହୋତ୍ସବରେ ପରିଣତ ହୋଇଛି । ଶିକ୍ଷା ପ୍ରତି ଏପରି ଏକ ସାମଗ୍ରିକ ଏବଂ ଉତ୍ସବମୁଖୀ ଦୃଷ୍ଟିକୋଣର କଳ୍ପନା କରିବା, ପରୀକ୍ଷା ସମ୍ବନ୍ଧୀୟ ଚାପ ହ୍ରାସ କରିବା, ଛାତ୍ରଛାତ୍ରୀଙ୍କ କଲ୍ୟାଣ ଓ ବ୍ୟକ୍ତିଗତ ଅଭିବୃଦ୍ଧିକୁ ଆଗେଇ ନେଉଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ଶିକ୍ଷାଗତ ଚାପ ହ୍ରାସ କରିବା ଏବଂ ଜୀବନକୁ ଗଠନ କରିବାରେ ସହାୟକ ହୋଇଥିବା ପରୀକ୍ଷା ପେ ଚର୍ଚ୍ଚାର ସକାରାତ୍ମକ ପ୍ରଭାବକୁ ସମ୍ମତି ଜଣାଇଥିବାରୁ ଶ୍ରୀ ପ୍ରଧାନ ଗିନିଜ୍ ୱାର୍ଲଡ ରେକର୍ଡର ଟିମକୁ ଧନ୍ୟବାଦ ଜଣାଇଛନ୍ତି । 'ପରୀକ୍ଷା ପେ ଚର୍ଚ୍ଚା' ଜାତୀୟ ଶିକ୍ଷା ନୀତି ୨୦୨୦ର ମୂଳ କଥାକୁ କାର୍ଯ୍ୟକାରୀ କରିବା ସହ ବ୍ୟାପକ କରିବାରେ ସାହାଯ୍ୟ କରିବ । ଶ୍ରୀ ପ୍ରଧାନ କହିଛନ୍ତି ଯେ କ୍ୟାବିନେଟ ମନ୍ତ୍ରୀ ଭାବରେ ମୋର କାର୍ଯ୍ୟକାଳ ମଧ୍ୟରେ ଏହା ମୋର ଦ୍ୱିତୀୟ ସ୍ୱୀକୃତି । ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏଲପିଜି ପାଇଁ ବିଶ୍ୱର ସର୍ବବୃହତ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଯୋଜନା 'ପହଲ' ପାଇଁ ଗିନିଜ୍ ୱାର୍ଲଡ୍ ରେକର୍ଡ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରମୁଖ ପଦକ୍ଷେପ ପରୀକ୍ଷା ପେ ଚର୍ଚ୍ଚା ୨୦୧୮ ପରଠାରୁ ମାଇଗଭ୍ ସହଯୋଗରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ସଫଳତାର ସହିତ ଆୟୋଜନ ହୋଇଆସୁଛି । ପରୀକ୍ଷା ପେ ଆଲୋଚନା ହେଉଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଏବଂ ନେତୃତ୍ୱାଧୀନ ଏକ ଅନନ୍ୟ ପ୍ଲାଟଫର୍ମ । ଏହି କାର୍ଯ୍ୟକ୍ରମରେ ସେ ସିଧାସଳଖ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହିତ ଆଲୋଚନା କରନ୍ତି । ଏହାକୁ 'ଗୋଟିଏ ମାସରେ ନାଗରିକ ସଂଗଠନ ପ୍ଲାଟଫର୍ମରେ ସର୍ବାଧିକ ଲୋକ ପଞ୍ଜୀକୃତ' ପାଇଁ ଗିନିଜ୍ ବିଶ୍ୱ ରେକର୍ଡ ସହିତ ସମ୍ମାନିତ କରାଯାଇଛି । ଏହି ମାନ୍ୟତା ମାଇଗଭ୍ ପ୍ଲାଟଫର୍ମରେ ଆୟୋଜିତ କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣରେ ପ୍ରାପ୍ତ ୩.୫୩ କୋଟି ବୈଧ ପଞ୍ଜୀକରଣର ଅଭୂତପୂର୍ବ ସଫଳତାକୁ ସ୍ୱୀକୃତି ଦେଇଛି ।

# ଛାତ୍ର ସଂସଦ ନିର୍ବାଚନକୁ ନେଇ ଏସ.ଭି.ଏମ କଲେଜ ପରିସର ଅଶାନ୍ତ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**
ଆଗକୁ କଲେଜ ଛାତ୍ର ସଂସଦ ନିର୍ବାଚନ ଆସୁଛି । ବିଜେପି ସରକାର ଆସିବା ପରେ କଲେଜ ଛାତ୍ର ମାନଙ୍କ ମନରେ ଉତ୍ସୁକତା ବଢିଯାଇଛି । ଯାହାକୁ ନେଇ ସେମାନେ ଧରାକୁ ସରା ମନେ କରୁଛନ୍ତି । ସୋମବାର ଜଗତସିଂହପୁର ଏସ ଭି ଏମ କଲେଜରେ ଛାତ୍ର ସଂସଦ ନିର୍ବାଚନରେ କାହାକୁ କିଏ ସମର୍ଥନ ଦେବ ସେହି କଥା କଟାକଟି କୁ ଦୁଇ ଛାତ୍ର ଗୋଷ୍ଠୀମୁହାଁ ମୁହିଁ । କଲେଜ କର୍ତ୍ତୃପକ୍ଷ ପାଲଟିଛନ୍ତି ନିରବଦ୍ରଷ୍ଟା, କଲେଜ ପ୍ରଶାସନ ଶାସକ ଦଳ ପାଖରେ ବିକ୍ରି ହୋଇଥିବା ନେଇ ଛାତ୍ର ଛାତ୍ରୀମାନେ ଆଲୋଚନା କରୁଛନ୍ତି । ଜଗତସିଂହପୁର ବ୍ଲକ ସଦର ସ୍ଥିତ ଏସଭିଏମ କଲେଜରେ ଦୁଇଗୋଷ୍ଠି ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ । ଜଗତସିଂହପୁର ଥାନାରେ ଅଭିଯୋଗ । କଲେଜ ପରିସରରେ କୌଣସି କାରଣରୁ ହଠାତ ଦୁଇଗୋଷ୍ଠି ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଜଣେ ଛାତ୍ର କୁ ଅନ୍ୟ ଏକ ଗୋଷ୍ଠୀ ର ଛାତ୍ର ଓ ଅଣଛାତ୍ରଙ୍କ ସଂଘବଧ ଆକ୍ରମଣ ରେ ଛାତ୍ରଙ୍କ ମୁଣ୍ଡ ଫାଟି ରକ୍ତାକ୍ତ । ଗଣ୍ଡଗୋଳରେ ଜଣେ ଛାତ୍ର ଆହତ ହୋଇଥିବା ସୂଚନା ମିଳିଛି । ଏହି ଗଣ୍ଡଗୋଳରେ ଅଣଛାତ୍ର ମଧ୍ୟ ସଂଶ୍ଲିଷ୍ଟ ଥିବା ଜଗତସିଂହପୁର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ରଘୁନାଥପୁର ବ୍ଲକ ସାଦେଇପୁର ବଣିକୁଦ ଗ୍ରାମର ସୁଶାନ୍ତ ମହାପାତ୍ରଙ୍କ ପୁଅ ଅମନ ମହାପାତ୍ର ଏସ ଭି ଏମ କଲେଜରେ ବଟାନି ହନର୍ସରେ ପାଠ ପଢୁଛନ୍ତି । ଅମନ କଲେଜକୁ ପ୍ରବେଶ କରିବା ସମୟରେ ଦିବ୍ୟ ଜ୍ୟୋତି ଆୟୁଷ, ଓଁକାର, କମଳକାନ୍ତ ସୂର୍ଯ୍ୟନାରାୟଣ ନାମକ କିଛି ଛାତ୍ରମାନେ ତାଙ୍କ ପାଖକୁ ଡାକିଥିଲେ । ତାଙ୍କ ସହିତ କିଛି ଅଣଛାତ୍ର ମଧ୍ୟ ଉପସ୍ଥିତ ରହିଥିଲେ । ଅମନ ତାଙ୍କ ପାଖକୁ ଯାଇଥିଲେ । ସେଠାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଛାତ୍ରସଂସଦ ନିର୍ବାଚନକୁ ଆଖିଆଗରେ ରଖି ସଂଗଠନ କଥା ଉଠାଇ ଉଭୟଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଥିଲା । ଏହାପରେ ଛାତ୍ର ଓ ଅଣଛାତ୍ର ମାନେ ଅମନ ଙ୍କ ଉପରକୁ ସଙ୍ଗବଧ ଭାବେ ଧାରୁଆ ମାରାଣ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଯାହାଫଳରେ ଅମନଙ୍କ ମୁଣ୍ଡ ଫାଟିବା ସହିତ ଶରୀରରେ ଆଘାତ ହୋଇଥିଲା । ଜୀବନରୁ ମାରିଦେବାକୁ ଚେଷ୍ଟା କରୁଥିବା ସମୟରେ କିଛି ଛାତ୍ର ମାନେ ଦୌଡ଼ି ଆସି ତାଙ୍କ କବଳରୁ ଉଦ୍ଧାର କରିଥିଲେ । ଆକ୍ରମଣ କରିଥିବା ଛାତ୍ର ଓ ଅଣ ଛାତ୍ର ମାନେ ଆମର ସରକାର ଅଛି ସ୍ଥାନୀୟ ବିଧାୟକଙ୍କ ହାତ ଆମ୍ଭମାନଙ୍କ ମୁଣ୍ଡଉପରେ ରହିଛି ତୁ ଯୁଆଡ଼କୁ ଗଲେ ଆମର କେହି କିଛି କରିପାରିବେନାହିଁ ବୋଲି କହିବା ସହିତ ଅଶିଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହି ଘଟଣାକୁ ନେଇ ଜଗତସିଂହପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ସୂଚନା ମିଳିଛି ।

# 'ଦି ସି ଆଣ୍ଡ ସେଭେନ୍ ଭିଲେଜେସ୍' ଚଳଚ୍ଚିତ୍ରର ନିର୍ଦ୍ଦେଶକଙ୍କୁ ସମ୍ମାନିତ କଲେ ଅଚ୍ୟୁତ ସାମନ୍ତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ପ୍ରଶଂସିତ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆଙ୍କୁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍)-କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍ (କିସ୍) ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । କିଟ, କିସ୍ ଏବଂ କଳିଙ୍ଗ ଟିଭିର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଖଟୁଆଙ୍କୁ ଓଡ଼ିଆ ଚଳଚ୍ଚିତ୍ର 'ଦି ସି ଆଣ୍ଡ ସେଭେନ୍ ଭିଲେଜେସ୍' ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବା ପାଇଁ ସମ୍ମାନିତ କରିଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ ହିମାଂସୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ 'ଦି ସି ଆଣ୍ଡ ସେଭେନ୍ ଭିଲେଜେସ୍' ୨୦୨୩ ମସିହାର ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ପୁରସ୍କାର ପାଇଛି । ଏହି ଚଳଚ୍ଚିତ୍ରଟି ଏମ୍ କେ ରାମଦାସଙ୍କ ଦ୍ୱାରା ନିର୍ମିତ ଏବଂ ନିର୍ଦ୍ଦେଶିତ ମାଲାୟଲମ୍ ଚଳଚ୍ଚିତ୍ର 'ନେକାଲ କ୍ରୋନିକଲ୍ ଅଫ୍ ଦି ପ୍ୟାଡି ମ୍ୟାନ୍' ସହିତ ଅଣ-ଫିଚର ବର୍ଗ (ସ୍ପେଶାଲ୍ ମେନ୍ସନ୍)ରେ ପ୍ରତିଷ୍ଠିତ ପୁରସ୍କାର ଜିତିଛି । 'ଦି ସି ଆଣ୍ଡ ସେଭେନ୍ ଭିଲେଜେସ୍' କାଦମ୍ବିନୀ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ନିର୍ମିତ ଏବଂ ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଉପସ୍ଥାପିତ । 'ଦି ସି ଆଣ୍ଡ ସେଭେନ୍ ଭିଲେଜେସ୍' ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ସାତଭାୟା ଗ୍ରାମକୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ କିପରି ପ୍ରଭାବିତ କରିଛି ତାହାର ଏକ ବାସ୍ତବବାଦୀ ଚିତ୍ର ଦର୍ଶାଏ । ସାତଭାୟା ଗ୍ରାମ ପୂର୍ବରୁ ସାତଭାୟା ଗ୍ରାମ ଥିଲା କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସେମାନଙ୍କ ମଧ୍ୟରୁ ପାଞ୍ଚଟି ସମୁଦ୍ରରେ ବୁଡ଼ି ଯାଇଛି, ରିପୋର୍ଟ କହୁଛି । ହିମାଂସୁ ଶେଖର ଖଟୁଆ, ଯିଏ କଳିଙ୍ଗ ଟିଭିର ପରିଚାଳନା ନିର୍ଦ୍ଦେଶକ ଏବଂ କିଟ୍ ସ୍କୁଲ ଅଫ୍ ଫିଲ୍ମ ଆଣ୍ଡ ମିଡିଆ ସାଇନ୍ସ; ଫ୍ୟାଶନ୍ ଟେକ୍ନୋଲୋଜିର ମହାନିର୍ଦ୍ଦେଶକ, ପୂର୍ବରୁ ଜାତୀୟ ପୁରସ୍କାର ଜିତିଥିଲେ । ସେ ୧୯୯୬ ଏବଂ ୨୦୦୫ରେ ଯଥାକ୍ରମେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଚଳଚ୍ଚିତ୍ର 'ସୁନ୍ୟା ସ୍ୱରୂପ' ଏବଂ 'କଥନ୍ତରା' ନିର୍ଦ୍ଦେଶନା ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୭ରେ ବିଜେଡ଼ିର...

ବେଳେ କିପରି ତାଙ୍କର ମୃତ୍ୟୁ ହେଲା ସେ ନେଇ ସନ୍ଦେହ ଜାତ ହେଉଛି । ପୁଲିସ ଚାରି ଥର ତାଙ୍କର ବୟାନ ରେକର୍ଡ କରିଛି । ସେ କହିଛନ୍ତି, ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉଥିବାର ଅନେକ ରିପୋର୍ଟ ଆମକୁ ମିଳିଥିଲା । କିନ୍ତୁ ଶନିବାର ଦିନ ଦିଲ୍ଲୀର ଏମ୍ସରେ ତାଙ୍କର ମୃତ୍ୟୁ ହୋଇଥିଲା ।

ସେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ପୁଲିସ ରାଜ୍ୟର ମହିଳା ଏବଂ ଝିଅମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି । ଯାହା ଫଳରେ ସେମାନଙ୍କ ବିରୁଦ୍ଧରେ ପ୍ରତିଦିନ ଅପରାଧ ବୃଦ୍ଧି ପାଉଛି । ଉଭୟ ଅପରାଧରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଉଚିତ, ଯଦି ନୁହେଁ, ତେବେ କଂଗ୍ରେସ ଦଳ ରାଜ୍ୟର ସମସ୍ତ ପୁଲିସ ଷ୍ଟେସନକୁ ଘେରାଉ କରିବା ପାଇଁ ଏକ ସପ୍ତାହ ବ୍ୟାପୀ ପୁଲିସ ଷ୍ଟେସନ ଘେରାଉ କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ବଲଙ୍ଗା ପୀଡ଼ିତାଙ୍କ...

ପରିଜନ । ସବୁଠାରୁ ଦୁଃଖଦାୟକ ଥିଲା ପୀଡ଼ିତାଙ୍କର କବର ଖୋଳା । ପରିଣତ ବୟସରେ ମୃତ୍ୟୁ ପରେ ପର ପିଢ଼ିଙ୍କ ହାତରେ କବର ଖୋଳାକୁ ସହଜରେ ଗ୍ରହଣ କରିହୁଏ । ହେଲେ ଆଜି ପୀଡ଼ିତାଙ୍କ ପରିଜନ (ବଡ଼ବାପା) ମୀର ଲିଆକତ ଅଲ୍ଲୀ କବର ଖୋଳୁଥିବାର ଦୃଶ୍ୟ ସମସ୍ତଙ୍କ ଆଖି ଓଦା କରିଥିଲା । ଯେଉଁ ହାତ ନାବାଳିକାକୁ କୋଳେଇ କାଖେଇ ମଣିଷ କରିବା କଥା, ସେହି ହାତ ଆଜି କବର ଖୋଳିବା ବେଳେ ଥରୁଥିଲା ଯେମିତି । ଲୁହ ଜକେଇ ଆସୁଥିଲା, ବାଷ୍ପରୁଦ୍ଧ ହୋଇଯାଉଥିଲା କଣ୍ଠ । କବର ଯେତିକି ଯେତିକି ଖୋଳା ହେଉଥିଲା ପରିବେଶ ସେତିକି ଭାବପ୍ରବଣ ହୋଇ ପଡୁଥିଲା । ୭ ଫୁଟ ଲମ୍ବା, ୩ ଫୁଟ ଓସାରର କବର ଖୋଳିବା ପାଇଁ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଲାଗି ଯାଇଥିଲା ତାଙ୍କୁ । ପରିଜନଙ୍କ ସମେତ ପଡ଼ୋଶୀ ଓ ଆଖପାଖର ଲୋକେ ଗଦା ହୋଇଥିଲେ । କାହା ପାଟିରୁ ପଦେ ହେଲେ କଥା ବାହାରୁ ନଥିଲା । ସମସ୍ତେ ପୀଡ଼ିତାଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇପଡ଼ିଥିଲେ ।

## ମୁଁ ଇସ୍ତଫା...

ତା'ହେଲେ ମୁଁ ଶହେ ଥର ଇସ୍ତଫା ଦେବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି । ଅନ୍ୟପକ୍ଷେ ମୃତକଙ୍କ ପରିବାରକୁ ନେଇ ରାଜନୀତିକୁ ସେ ପସନ୍ଦ କରନ୍ତି ନାହିଁ ବୋଲି କହି ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି ।

ସେ କହିଥିଲେ ଯେ, ସମୟକ୍ରମେ ସବୁ ସତ ସାମ୍ନାକୁ ଆସିବ । ପୀଡ଼ିତାଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ସବୁ ସହଯୋଗ କରିଥିଲେ, ହେଲେ ତାଙ୍କୁ ବଞ୍ଚାଇ ପାରିଲେ ନାହିଁ । ସେ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ପରିବାର ପ୍ରତି ଯାହା କରିବାର ଅଛି କରାଯିବ । ରାଜ୍ୟ ସରକାର ପୀଡ଼ିତାଙ୍କ ପରିବାର ସହ ଥିଲେ ଏବଂ ଅଛନ୍ତି । ପୋଲିସ ଉପରେ ଆପଣ ଭରସା ରଖନ୍ତୁ ଯାହା ସତ୍ୟ ତାହା ନିଶ୍ଚିତ ଭାବେ ପଦାକୁ ଆସିବ ।

## ରାଷ୍ଟ୍ରପତି...

ଏବେ ତାଙ୍କର ବାର୍ଷିକ ଆୟ ୪ ଲକ୍ଷରୁ ଅଧିକ ଥିବା ଯୋଗୁଁ ସେ ଲକ୍ଷପତି ଦିଦି ହୋଇପାରିଛନ୍ତି । ଏଣୁ ତାଙ୍କୁ ଅଗଷ୍ଟ ୧୫ ତାରିଖ ଦିନ ରାଷ୍ଟ୍ରପତିଙ୍କ ଭବନକୁ ଯିବା ପାଇଁ ନିମନ୍ତ୍ରଣ ଆସିଛି । ସେ ଏଥିରେ ବହୁତ ଖୁସି ଥିବା ସହ ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କ ସହଯୋଗ ଏବଂ ନିଜ ଉଦ୍ୟମ ଇଚ୍ଛାଶକ୍ତି ଯୋଗୁଁ ଏହା ସମ୍ଭବ ହୋଇପାରିଥିବା କହିଛନ୍ତି ।

## ଶିବୁ ସୋରେନଙ୍କୁ ...

ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରିଥିଲେ । ଏହା ସହିତ ମୁଖ୍ୟମନ୍ତ୍ରୀ ତଥା ପୁଅ ହେମନ୍ତ ସୋରେନଙ୍କୁ ସମବେଦନା ଜଣାଇଥିଲେ ।

ସୋରେନ କିଡନୀ ସମ୍ବନ୍ଧୀୟ ରୋଗରେ ଆକ୍ରାନ୍ତ ଥିଲେ । ଗତ ଜୁନ ଶେଷ ସପ୍ତାହରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ମାସାଧିକ କାଳ ଚିକିତ୍ସା ପରେ ଶେଷରେ ସେ ଆଖିବୁଜିଥିଲେ ।

## ଏଫ୍ଏମ୍ କଲେଜ ...

ତଥା ଅଧ୍ୟାପକ ସମୀର କୁମାର ସାହୁଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ । ତାଙ୍କୁ ଜ୍ୟୋତି ପ୍ରକାଶ ବିଶ୍ୱାଳ ଉଦ୍ଧାର କରିଥିଲେ । ଜ୍ୟୋତି ମଧ୍ୟ ନିଆଁରେ କିଛି ପୋଡ଼ି ଯାଇ ଚିକିତ୍ସିତ ହେଉଥିଲେ ।

## ନାଇଟ୍ ସିଫ୍ଟରେ ...

ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି । ରାଜ୍ୟ ଇଏସଆଇ ଓ ଶ୍ରମ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ଜାରି ହୋଇଛି । ମହିଳାଙ୍କ ରାତି ସିଫ୍ଟରେ କାମ କରିବା ନେଇ ଜାରି ୧୧ ସୂତ୍ରୀୟ ଗାଇଡଲାଇନ୍ ଅନୁସାରେ ପ୍ରଥମତଃ ରାତି ସିଫ୍ଟରେ କାମ କରିବା ପାଇଁ ମହିଳା କର୍ମଚାରୀଙ୍କ ଲିଖିତ ସମ୍ମତି ନେବା ବାଧ୍ୟତାମୂଳକ ବ୍ୟବସ୍ଥା ରହିବ । ସେହିପରି ସିଫ୍ଟରେ ଅତି କମରେ ତିନିଜଣ ମହିଳା କର୍ମଚାରୀ ରହିବା ଆବଶ୍ୟକ, ଯେଉଁଥିରେ ଅନସାଇଟ ମହିଳା ନିଯୁକ୍ତିଦାତା ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରିବେ ।

ମହିଳାମାନଙ୍କୁ ସେମାନଙ୍କ ବାସସ୍ଥାନ ନିକଟରୁ ଆଣିବା ଓ ଛାଡ଼ିବା ପାଇଁ ଜିପିଏସ ଟ୍ରାକିଂ ସିଷ୍ଟମ୍ ସହିତ ସୁରକ୍ଷିତ ପରିବହନ ସୁବିଧା ଦେବାକୁ ହେବ ।

ନିଯୁକ୍ତିଦାତାଙ୍କୁ ରାତି ସିଫ୍ଟ ପାଇଁ ବ୍ୟବହୃତ ଗାଡ଼ିର ପ୍ରତ୍ୟେକ ଡ୍ରାଇଭରଙ୍କ ବାୟୋ-ଡାଟା ଓ ପୁଲିସ୍ ଭେରିଫିକେସନ୍ କରାଇବାକୁ ହେବ । କାର୍ଯ୍ୟସ୍ଥଳରେ ଶୌଚାଳୟ, ୱାଶରୁମ ଓ ପାନୀୟ ଜଳର ଉପଯୁକ୍ତ ସୁବିଧା ରହିବା ଆବଶ୍ୟକ, ଯେଉଁଥିରେ ସିସିଟିଭି କ୍ୟାମେରା ଓ ଯଥେଷ୍ଟ ଆଲୋକ ବ୍ୟବସ୍ଥା ରହିବ । କାର୍ଯ୍ୟସ୍ଥଳ ଓ ପରିବହନ ଗାଡ଼ିରେ ମହିଳା ହେଲ୍ପଲାଇନ ନମ୍ବର (୧୮୧) ଓ ଶ୍ରମ ବିଭାଗର ହେଲ୍ପଲାଇନ ନମ୍ବର (୧୮୦୦୩୪୫୬୭୦୩) ପ୍ରମୁଖ ଭାବେ ପ୍ରଦର୍ଶନ କରାଯିବ । ଦିନ ସିଫ୍ଟରୁ ରାତି ସିଫ୍ଟକୁ ବା ତା'ର ବିପରୀତ ସିଫ୍ଟ ବଦଳାଇବା ସମୟରେ, କ୍ରମାଗତ ୮ ଘଣ୍ଟା ବିଶ୍ରାମ ଦେବା ବାଧ୍ୟତାମୂଳକ ବ୍ୟବସ୍ଥା ରହିବ । 'କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଓ ନିରାକରଣ) ଆଇନ, ୨୦୧୩'ର ପାଳନ ବାଧ୍ୟତାମୂଳକ ହେବ । ଯେକୌଣସି ନିଯୁକ୍ତିଦାତା ଯିଏ ମହିଳାମାନଙ୍କୁ ରାତିରେ କାମରେ ନିୟୋଜିତ କରିବେ, ତାଙ୍କୁ ବିଭାଗର ନିର୍ଦ୍ଧାରିତ ୱେବସାଇଟରେ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ସ୍ୱ-ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ ଯେ ସେ ସମସ୍ତ ସର୍ତ୍ତକୁ ପାଳନ କରି ବିଜ୍ଞପ୍ତିରେ ଉଲ୍ଲେଖିତ ସବୁ ସୁବିଧା ପ୍ରଦାନ କରିଛନ୍ତି ଏବଂ ମହିଳା କର୍ମଚାରୀଙ୍କ ସୁରକ୍ଷା, ନିରାପତ୍ତା ଓ ସମ୍ମାନ ନେଇ ଯଥେଷ୍ଟ ଯତ୍ନ ଓ ସତର୍କତା ଅବଲମ୍ବନ କରିବେ । କୌଣସି କିଶୋର-କିଶୋରୀଙ୍କୁ ରାତିରେ କୌଣସି ପ୍ରତିଷ୍ଠାନରେ କାମ କରିବାକୁ ଅନୁମତି ଦିଆଯିବ ନାହିଁ । ଏହି ସର୍ତ୍ତଗୁଡ଼ିକର ପାଳନ ନ କଲେ 'ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ, ୧୯୫୬'ର ଧାରା ୩୫ ଅନୁଯାୟୀ ଜରିମାନା ଲାଗୁ ହେବ ।

ସୂଚନାଯୋଗ୍ୟ ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ପରେ, ଓଡ଼ିଶା ସରକାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟରେ ମହିଳାଙ୍କ ସୁରକ୍ଷା ନିମନ୍ତେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ ବାଧ୍ୟତାମୂଳକ କରିଥିଲେ ।

ରାଜ୍ୟ ସରକାର ମହିଳାଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ଦେଉଥିବାବେଳେ କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗତମାସ ୧୭ ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରି ମହିଳା ଶିକ୍ଷକ, କର୍ମଚାରୀ ଓ ଛାତ୍ରୀମାନଙ୍କୁ ସନ୍ଧ୍ୟା ସାଢ଼େ ୫ଟା ପରେ ବିଶ୍ୱବିଦ୍ୟାଳୟ କ୍ୟାଂପସରେ ରହିବା ଉପରେ କଟକଣା ଜାରି କରିଥିଲେ । କିନ୍ତୁ ଏହାକୁ ନେଇ ବିବାଦ ହେବା ଓ ସରକାର ସମାଲୋଚିତ ହେବାରୁ କିଛି ଘଣ୍ଟା ମଧ୍ୟରେ ଏହି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେଇଥିଲେ ।

ତେବେ ଶ୍ରମ ବିଭାଗର ଜୁଲାଇ ୩୧ତାରିଖର ନିର୍ଦ୍ଦେଶନାମା ରାଜ୍ୟରେ ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ସଶକ୍ତିକରଣକୁ ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି ।

ମହିଳାମାନଙ୍କୁ ରାତି ସିଫ୍ଟରେ କାର୍ଯ୍ୟ ନିମନ୍ତେ ଅନୁମତି ଦେବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ନୁହେଁ । ଓଡ଼ିଶା ପୂର୍ବରୁ କର୍ଣ୍ଣାଟକ,କେରଳ, ତାମିଲନାଡୁ, ହରିୟାଣା, ତେଲେଙ୍ଗାନା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଦିଲ୍ଲୀରେ ଏଭଳି ଅନୁମତି ଦିଆଯାଇଛି । ଅବଶ୍ୟ ଦିଲ୍ଲୀ ସରକାର ରାତି ସିଫ୍ଟରେ ମହିଳାଙ୍କୁ କାର୍ଯ୍ୟ କରିବା ନିମନ୍ତେ ଅନୁମତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ରାଜ୍ୟପାଳଙ୍କ ମଞ୍ଜୁରୀ ପାଇପାରି ନାହିଁ ।

ଏହି ସମସ୍ତ ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ଓ ଗାରିମା ସୁନିଶ୍ଚିତ କରିବା ନିମନ୍ତେ କେତେକ ବାଧ୍ୟତାମୂଳକ ସର୍ତ୍ତ ଲାଗୁ କରିଛନ୍ତି । ଯେଉଁଥିରେ ମହିଳାଙ୍କ ଲିଖିତ ସହମତି, ସୁରକ୍ଷିତ ପରିବହନ, ସିସିଟିଭି ସର୍ଭେଲାନ୍ସ ଓ କର୍ମସ୍ଥଳରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ ଇତ୍ୟାଦି ସାମିଲ ବୋଲି ଜଣାପଡ଼ିଛି ।

## ଭୁବନେଶ୍ୱର...

କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି ।

# ପାଉଁଶ ନିଷ୍କାସନ ପାଇଁ ଆସିବ ଏସଓପି : ରାଜସ୍ୱ ମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପାଉଁଶ ନିଷ୍କାସନ ପାଇଁ ଚଳିତ ସପ୍ତାହରେ ନୂଆ ଏସଓପି ଜାରି କରିବେ ରାଜ୍ୟ ସରକାର । ନୂଆ ଏସଓପି ତିଆରି ହୋଇଥିବା ନେଇ ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ପାଉଁଶ ପୋଖରୀ ବାବଦରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସଂସ୍ଥା ମାନଙ୍କ ସହ ଆଲୋଚନା କରୁଛନ୍ତି ରାଜ୍ୟ ସରକାର । ଗାଁ ଭିତରେ ପାଉଁଶ ପୋଖରୀ ନକରିବା, ପାଉଁଶ ପୋଖରୀ ତଳେ ଜନବସତି ନରହୁ, ପାଉଁଶ ପୋଖରୀ ପାଇଁ ଲୋକ ଯେମିତି ବାସଚ୍ୟୁତ ହେବେ ନାହିଁ, ଟ୍ରକ୍ ମାଧ୍ୟମରେ ପାଉଁଶ ପରିବହନ ନକରି ପାଇପ ଯୋଗେ ସ୍ଲରିରେ ପରିଣତ କରି ଜନବସତି ନଥିବା ସ୍ଥାନ ଯାଏଁ ନେବା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ଏହାଦ୍ୱାରା ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାହାରୁଥିବା ପାଉଁଶ ସଠିକ୍ ଭାବେ ନିଷ୍କାସନ ହୋଇପାରିବ । ଏହାଦ୍ୱାରା ବାୟୁ ମଣ୍ଡଳ ପ୍ରଦୂଷଣ କମିବା ସହ ଲୋକ ମଧ୍ୟ ହଇରାଣ ହେବେ ନାହିଁ । ଏ ନେଇ ତାପଜ ବିଦ୍ୟୁତ୍ ଉତ୍ପାଦନ କରୁଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା ସହ ଆଲୋଚନା ଚାଲିଛି । ଏନଏଲସି କମ୍ପାନୀ ତୋଲାବିରାରେ ପାଉଁଶ ପୋଖରୀ ପାଇଁ ପ୍ରସ୍ତାବ ଦେଇଛି । ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ମାସେ ଭିତରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ । ଜନବସତି ନଥିବା ଦୂର ଜାଗାରେ ସ୍ଥାନ ନିରୂପଣ କରି ପାଇପ ପାଇପ ମାଧ୍ୟମରେ ପାଉଁଶ ନିଷ୍କାସନ କରିବାକୁ କହିଛନ୍ତି ମନ୍ତ୍ରୀ । କୋଇଲାରୁ ତାପଜ ବିଦ୍ୟୁତ ଉତ୍ପାଦନ ହେଉଥିବା ଯୋଗୁଁ ପାଉଁଶ ଦ୍ୱାରା ୪ଟି ଜିଲ୍ଲା ପ୍ରଭାବିତ ହେଉଛି । ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ଅନୁଗୁଳ ଜିଲ୍ଲା ହେଉଛି ପ୍ରଭାବିତ । ଓଡ଼ିଶାରେ ୯୪ ପ୍ରତିଶତ ତାପଜ ବିଦ୍ୟୁତ ଏହି ୪ଟି ଜିଲ୍ଲାରୁ ଉତ୍ପାଦନ ହୁଏ । କିନ୍ତୁ କୋଇଲା ପୋଡ଼ି ସେଥିରୁ ବାହାରୁଥିବା ପାଉଁସ ଏହି ସବୁ ଅଞ୍ଚଳରେ ବହୁତ ସମସ୍ୟା ତିଆରି କରିଛି । ବିଭିନ୍ନ କମ୍ପାନୀର ପାଉଁଶ ପୋଖରୀ ଭାଙ୍ଗି ମଧ୍ୟ ଲୋକଙ୍କର ବହୁତ କ୍ଷୟକ୍ଷତି ହୋଇଛି ବୋଲି ସୁରେଶ ପୂଜାରୀ କହିଛନ୍ତି ।

# ଜଗନ୍ନାଥ ସଂସ୍କୃତି ଗବେଷକ ଓ ଲେଖକ ସୁବାସ ପାଣିଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଜଗନ୍ନାଥ ସଂସ୍କୃତି ଗବେଷକ ଓ ଲେଖକ ସୁବାସ ପାଣିଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତଥା ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଓ ଲେଖକ ସୁବାସ ପାଣିଙ୍କ ଦେହାନ୍ତ ବିଷୟରେ ଶୁଣି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ତାଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି । ଓଁ ଶାନ୍ତି ।

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.MCSW-AOMC-ETP-25-26-13
କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ମେନ୍ (Main) ETP (କ୍ଷମତା:30000 L/ଦିବସ) ଏବଂ ରୋଲର ବିୟରିଙ୍ଗ୍ ସଫେଇ କାରଖାନା ETP ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 28,23,481.28, EMD (ଟଙ୍କାରେ) : 56,500/-, ଶେଷ ହେବା ଅବଧି : 24 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.06.08.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.08.2025 ରିଖ 1500 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH)/ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର
PR-427/Q/25-26

A-462
E-mail ID: - mianandapur@yahoo.co.in
eemidanandapur@gmail.com
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର
OFFICE OF THE SUPERINTENDING ENGINEER, M.I. DIVISION, ANANDAPUR
AT/P.O: - Salapada, Dist- Keonjhar, Pin Code- 758020
No.1874 / MIDA / Dt. 01.08.2025
e- Procurement Notice
Bid Identification No.- 06 / MIDA / 2025-26
e-mail ID: mianandapur@yahoo.co.in
The Superintending Engineer, Minor Irrigation Division Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work: | Improvement and Repair works of MIPs under DPIW and Critical scheme |
| No. of Works: | 09 (Nine) Nos only |
| Estimated Cost: | Varies from 15.81 lakhs to 33.33 lakh (Approximately) |
| Cost of Tender Paper: | Varies from 6000/- (Non-refundable) |
| Period of Completion: | 4 (Four) Calendar months |
| Availability of bid documents for sale and receipt through on-line | From dt. 11.08.2025, 10.00 A.M, to dt.20.08.2025, up to 5.00 P.M. |
| Last date / time of receipt of bids in the portal | 20.08.2025 (5.00PM) |
| Date of Technical bid opening through online | On dt.21.08.2025 at 10.00 A.M in the Office of the S.E, M.I. Division, Anandapur. |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Anandapur. At / P.O / District – Keonjhar. Email ID:mianandapur@yahoo.co.in |
| Further details can be seen from the e-Procurement market place. http://tendersorissa.gov.in | |

Sd/- Superintending Engineer
M.I. Division, Anandapur
OIPR-32108/11/0032/2526

ଭୁବନେଶ୍ୱର
୦୫ ଅଗଷ୍ଟ,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରାବଣ ଶେଷ ସୋମବାର: ଭୋର ୪ଟାରୁ ସାହାଣମେଲା ଦର୍ଶନ, ଜଳଲାଗି

**ଭୁବନେଶ୍ୱର, ୪/୮ ନ୍ୟୁଜ ବ୍ୟୁରୋ**



ଶ୍ରାବଣ ମାସର ଶେଷ ସୋମବାରରେ ଭକ୍ତମାନେ ଶ୍ରୀଲିଙ୍ଗରାଜଙ୍କ ଉପରେ ଜଳଲାଗି କରିଥିଲେ। ଏଥିପାଇଁ ମନ୍ଦିର ଆଗରେ କାଉଡ଼ିଆଙ୍କ ଧାଡ଼ି ଦେଖିବାକୁ ମିଳିଥିବା ବେଳେ ମନ୍ଦିର ଆଗରେ ପୂର୍ବରୁ ଲଗାଯାଇଥିବା ବ୍ୟାରିକେଡ୍ କଡ଼ରେ କାଉଡ଼ିଆ ଜଳଭାର ଆଣି ରଖିଥିଲେ। ମନ୍ଦିର ପ୍ରଶାସନ ଏନେଇ ବିଭିନ୍ନ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିଥିଲେ। ଶେଷ ପାଳିରେ ଜଳଲାଗି କରିବାକୁ ପୁରୁଷ ଓ ମହିଳାମାନେ ଆଶ୍ରୟସ୍ଥଳରେ ବିଶ୍ରାମ ନେଇଥିଲେ। ମନ୍ଦିର ଭିତରେ ଏଏସ୍ଆଇ ପକ୍ଷରୁ ବ୍ୟାରିକେଡ୍ ବନ୍ଧା ହୋଇଥିବା ବେଳେ କାଉଡ଼ିଆମାନେ ରବିବାର ସନ୍ଧ୍ୟାରୁ ଏକାମ୍ର କ୍ଷେତ୍ରକୁ ଆସିଥିଲେ।

ସୂଚନା ମୁତାବକ ମନ୍ଦିରରେ ଭୋର ସାଢ଼େ ୩ଟାରେ ମଙ୍ଗଳ ଆଳତି ଓ ଅବକାଶ ନୀତି କରାଯିବା ପରେ ୪ଟାରେ ସାହାଣମେଲା ଦର୍ଶନ ପରେ ଧାଡ଼ିକରି କାଉଡ଼ିଆମାନେ ମନ୍ଦିରକୁ ପ୍ରବେଶ କରିଥିଲେ। ତେବେ କାଉଡ଼ିଆଙ୍କ ସୁରକ୍ଷା ପାଇଁ ଶ୍ରୀଲିଙ୍ଗରାଜ ଥାନା ପୁଲିସ ଓ ୫ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ବିନ୍ଦୁସାଗର କୂଳରେ ରବିବାର ରାତିରୁ ପୁଲିସ ମନ୍ଦିର ସିଂହଦ୍ୱାର ଓ ଆଖପାଖ ଅଞ୍ଚଳରେ ପଇଁତରା ମାରିଥିଲେ। ମହିଳା ଭକ୍ତମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଥିବା ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି।

# ଧବଳେଶ୍ୱରଙ୍କ ଶ୍ରାବଣୀ ଲିଙ୍ଗରେ ଜଳ ଲାଗିକଲେ କାଉଡିଆ

**ଆଠଗଡ଼, ୦୪/୦୮
ନ୍ୟୁଜ ବ୍ୟୁରୋ**



ଶ୍ରାବଣ ମାସର ଶେଷ ସୋମବାରରେ ଚଳଚଞ୍ଚଳ ଆଠଗଡ଼ର ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠ। ହଜାର ହଜାର ଶ୍ରଦ୍ଧାଳୁ ଓ କାଉଡିଆମାନେ କଂକ୍ରିଟ ସେତୁ ଦେଇ ଆସି ବାବା ଧବଳେଶ୍ୱରଙ୍କ ଶ୍ରାବଣୀ ଲିଙ୍ଗରେ ଜଳ ଲାଗି କରିଛନ୍ତି । ବିଶ୍ୱାସ ରହିଛି ଯେ, ଧବଳେଶ୍ୱରଙ୍କ ମସ୍ତକରେ ଜଳଲାଗି କଲେ ମାନସିକ ପୂରଣ ହୋଇଥାଏ । ସେଥିପାଇଁ ଓଡ଼ିଶାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ଛୁଟି ଆସିଥାନ୍ତି ଏହି ପବିତ୍ର ପୀଠକୁ। ଧାର୍ମିକ ବିଶ୍ୱାସ ରହିଛି ଶ୍ରାବଣ ମାସର ସୋମବାରରେ ବାବା ଧବଳେଶ୍ୱରଙ୍କ ମସ୍ତକରେ ଜଳଲାଗି କଲେ କୋଟି ଜନ୍ମର ପୂଣ୍ୟ ମିଳିବା ସହିତ ମାନସିକ ଶାନ୍ତି ମିଳିଥାଏ । ପୂଜକ ସମିତି ପକ୍ଷରୁ ରାତ୍ର ୪ଟାରେ ପହଡ ଖୋଲାଯାଇ ୧୦୮ କଳସ ପବିତ୍ର ଜଳରେ ବାବାଙ୍କୁ ସ୍ନାନ କରି ମଙ୍ଗଳାଆଳତୀ ପରେ ସମସ୍ତ ନୀତିକାନ୍ତି ସମାପନ କରାଯାଇଥିଲା । ଏହା ପରେ ଶ୍ରଦ୍ଧାଳୁ କାଉଡିଆମାନେ ଜଳଲାଗି କରିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରଶାସନ ପକ୍ଷରୁ କଂକ୍ରିଟ ପୋଲ ଠାରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ବ୍ୟାରିକେଡ଼ କରାଯାଇ ଭକ୍ତଙ୍କୁ ସୁବିଧାରେ ଦର୍ଶନ କରିବା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଶ୍ରାବଣ ଶେଷ ସୋମବାର ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଦେବୋତ୍ତର ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ କଂକ୍ରିଟ ପୋଲ ଠାରୁ ଆରମ୍ଭ କରି ମନ୍ଦିର ପରିସର ପର୍ଯ୍ୟନ୍ତ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁମାନେ କିଭଳି ଶାନ୍ତି ଶୃଙ୍ଖଳାର ସହିତ ଧାଡିରେ ଆସି ବାବାଙ୍କ ମସ୍ତକରେ ଜଳ ଲାଗି କରି ପାରିବେ ପ୍ରଶାସନ ପକ୍ଷରୁ ବିଶେଷ ଦୃଷ୍ଟି ଦିଆଯାଇଥିଲା। ସେହିପରି ଶେଷ ସୋମବାର ପାଇଁ ରାଜ୍ୟର ବିଭିନ୍ନ ଶୈବପୀଠରେ ବିଳମ୍ବିତ ରାତିରୁ ଭକ୍ତଙ୍କ ଭିଡ଼ ଲାଗି ରହିଥିବା ବେଳେ ପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ଲମ୍ବା ଲାଇନରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ସହିତ ଦର୍ଶନ ନିମନ୍ତେ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଥିଲା।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଝୁଲଣ ଯାତ୍ରା ଆରମ୍ଭ

# ଝୁଲଣ କୁଞ୍ଜରେ ଝୁଲିଲେ ମଦନମୋହନ, ଭୂଦେବୀ ଓ ଶ୍ରୀ ଦେବୀ



**ପୁରୀ, ୦୪/୦୮ ନ୍ୟୁଜ ବ୍ୟୁରୋ**

ଶ୍ରୀ ମଣିମାଙ୍କ ଶ୍ରାବଣର ଝୁଲଣ କୁଞ୍ଜ ବେଶ ଓ ଲୀଳା ଆରମ୍ଭ ହୋଇଯାଇଛି। ଯଦ୍ୟପି ଏହା ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ଅନ୍ତର୍ଭୁକ୍ତ ନୁହେଁ, ତଥାପି ଏହା ଏକ ଉପଯାତ୍ରା ରୂପେ ପାଳିତ ହୁଏ । ଶ୍ରୀମନ୍ଦିର ମୁକ୍ତିମଣ୍ଡପ ଝୁଲଣ କୁଞ୍ଜରେ ପରିଣତ ହୋଇଥାଏ । ବିଭିନ୍ନ ପଶୁପକ୍ଷୀ, ଜୀବଜନ୍ତୁଙ୍କ ପ୍ରତିକୃତିରେ ସୁସଜ୍ଜିତ ହୋଇଛି ଏହି ଝୁଲଣ କୁଞ୍ଜ । ଶ୍ରୀମହାପ୍ରଭୁଙ୍କ ଆଜ୍ଞା ପାଇ ଶ୍ରୀ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଝୁଲଣରେ ବିଜେ ହୋଇ ଝୁଲଣ କୁଞ୍ଜରେ ସଖୀ, ସହଚରୀଙ୍କ ସହ ଦୋଳି ଖେଳିଥାନ୍ତି। ୭ ଦିନ ଧରି ଶ୍ରୀମନ୍ଦିରରେ ଝୁଲଣଯାତ୍ରା ଅନୁଷ୍ଠିତ ହେଉଛି। ଶ୍ରୀମନ୍ଦିର ବ୍ୟତୀତ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ଶ୍ରୀକ୍ଷେତ୍ରର ମଠ, ମନ୍ଦିରରେ ମଧ୍ୟ ସୋମବାରଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ଜଗନ୍ନାଥବଲ୍ଲଭ ମଠ, ରାଧାବଲ୍ଲଭ ମଠ, ରାଧେଶ୍ୟାମ ମଠ, ମଣିରାମ ମଠ ପ୍ରମୁଖ ଝୁଲଣର ବଡ଼ ବଡ଼ ତୋରଣ ପ୍ରସ୍ତୁତ କରିବା ସହ ରାଧାକୃଷ୍ଣଙ୍କ ସହ ଅନ୍ୟ ଦେବାଦେବୀଙ୍କୁ ଝୁଲଣ କୁଞ୍ଜରେ ବସାଇ ପୂଜାର୍ଚ୍ଚନା କରିଥାନ୍ତି । ଅନ୍ନ ବ୍ୟଞ୍ଜନଠାରୁ ଆରମ୍ଭ କରି ନାନାଦି ଭୋଗ ଲାଗି କରିଥାନ୍ତି । ଓଡ଼ିଶାର ଅନ୍ୟାନ୍ୟ ମଠ ମନ୍ଦିରରେ ମଧ୍ୟ ଝୁଲଣ ଯାତ୍ରା ଅନୁଷ୍ଠିତ ହେଉଛି। ଗଜପତି ମହାରାଜା ଦିବ୍ୟସିଂହ ଦେବ (ଦ୍ୱିତୀୟ)ଙ୍କ ସମୟରେ ଏହା ଶ୍ରୀମନ୍ଦିରରେ ପ୍ରଥମେ ପାଳନ କରାଯାଇଥିଲା । ଶ୍ରୀମନ୍ଦିରରେ ଗୌଡ଼ୀୟମାନଙ୍କ ପ୍ରଭାବ ସମ୍ପର୍କରେ ଏହି ଯାତ୍ରାସୂଚନା ଦେଉଛି । ଗୌଡ଼ୀୟ ସମ୍ପ୍ରଦାୟର ରାଧାକୃଷ୍ଣ ହେଉଛନ୍ତି ଉପାସ୍ୟ। ସେଥିପାଇଁ ଶ୍ରୀକୃଷ୍ଣ ଗୋପରେ ଥିବା ବେଳେ କରିଥିବା ରାସକୁ ସେମାନେ ଶ୍ରୀମନ୍ଦିରରେ ପ୍ରଚଳନ କରିଛନ୍ତି। ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରାବଣ ଶୁକ୍ଳ ଦଶମୀ ତିଥିଠାରୁ ଆରମ୍ଭ ହୋଇ ଭାଦ୍ରବ କୃଷ୍ଣ ପ୍ରତିପଦା ପର୍ଯ୍ୟନ୍ତ ୭ ଦିନ ଧରି ଝୁଲଣ ଯାତ୍ରା ଅନୁଷ୍ଠିତ ହେଉଛି। ଏହି ନୀତି ପାଇଁ ଭଣ୍ଡାରରୁ ରୂପା ଗିନା ଆସିଛି। ଘଟୁଆରୀ ଚନ୍ଦନ ଆଣି ଯୋଗାଇ ଥିଲେ। ଭଣ୍ଡାର ମେକାପ ଅଳଙ୍କାର ଯୋଗାଇ ଥାଆନ୍ତି। ମନ୍ଦିର କୋଠରୁ ମାଣ୍ଡୁଅ ଓ ଅନ୍ୟାନ୍ୟ ଜିନିଷମାନ ଯୋଗା ଯାଇଥାଏ। ଏହି ନୀତି ପାଇଁ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ସେବକଙ୍କର ଆବଶ୍ୟକତା ପଡିଥାଏ।

# ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଲାଗି ରାଜ୍ୟ ସରକାର ପ୍ରସ୍ତୁତ : ସୁରେଶ ପୂଜାରୀ

**ଭୁବନେଶ୍ୱର, ୪/୮
ନ୍ୟୁଜ ବ୍ୟୁରୋ**



ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗରେ ମୁହଁଖୋଲିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ସ୍ଥାୟୀ ବେଞ୍ଚ ପାଇଁ ଅନେକ ରାଜ୍ୟରୁ ଦାବି ହେଉଛି। ହାଇକୋର୍ଟ ବିଭାଜନ ହେବା ଲୋକଙ୍କ ଦ୍ୱାରଦେଶରେ ନ୍ୟାୟ ପହଞ୍ଚିବା ପାଇଁ ବେଞ୍ଚ ପ୍ରତିଷ୍ଠା ଦାବି ସପକ୍ଷରେ ଆମେ ଥିଲୁ ଏବଂ ଅଛୁ। ଯଶବନ୍ତ ସିଂହ କମିଶନ ହାଇକୋର୍ଟ ବେଞ୍ଚ ନେଇ ମାପଦଣ୍ଡ ସ୍ଥିର କରିଛନ୍ତି। ଓକିଲ ସଂଘ ନିଜ ଭିତରେ ଆଲୋଚନା କରି ସ୍ଥିର କରିବା କଥା ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା, କେଉଁଠି ହାଇକୋର୍ଟ ବେଞ୍ଚ ସ୍ଥାପନ ହେବ। ଆଜି ଯାଏଁ କେନ୍ଦ୍ର ସରକାରଙ୍କୁ ଏକ ସମନ୍ୱିତ ପ୍ରସ୍ତାବ ଦିଆଗଲା ନାହିଁ। ଏ ବାବଦରେ ଓକିଲ ସଂଘ ସହ ଆଲୋଚନା ଚାଲିଛି। ଏକ ସମନ୍ୱିତ ପ୍ରସ୍ତାବ ପଠାଇବାର ଆବଶ୍ୟକତା ଅଛି। ବେଞ୍ଚ ପ୍ରତିଷ୍ଠା ଲାଗି ସ୍ଥାନ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି।

ଏଣେ ସମ୍ବଲପୁରଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ କହିଛନ୍ତି, ମହାରାଷ୍ଟ୍ରକୁ ମିଳିଛି ଆଉ ଏକ ହାଇକୋର୍ଟ ବେଞ୍ଚ। କୋହ୍ଲାପୁରରେ ଏହି ବେଞ୍ଚ ପ୍ରତିଷ୍ଠା ହେବ। ଆସନ୍ତା ଅଗଷ୍ଟ ୧୮ ତାରିଖରୁ କାର୍ଯ୍ୟକ୍ଷମ ହେବ। ବିଜେଡି ଏହାକୁ ସ୍ୱାଗତ କରୁଛି। ହେଲେ ଓଡ଼ିଶାରେ ଆଜି ଯାଏଁ ଏପରି ହେଲାନି। ପଶ୍ଚିମ ଓଡ଼ିଶାରୁ ଦଶନ୍ଧି ଦଶନ୍ଧି ଧରି ଏହି ଦାବି ହୋଇଆସୁଛି। ହେଲେ ଦୁର୍ଭାଗ୍ୟଜନକ କଥା ଯେ ସ୍ୱାଧୀନତାର ଏତେ ବର୍ଷ ପରେ ବି ଏହା ପୂରଣ ହେଲାନି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକ ବେଞ୍ଚ ପାଇଁ ଚିଠି ଲେଖିଥିଲେ। ଯଦି ମହାରାଷ୍ଟ୍ରର ବିଜେପି ସରକାର କୋହ୍ଲାପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ କରି ପାରିଲେ, ତା'ହେଲେ ଓଡ଼ିଶାରେ ବିଜେପି ସରକାର କାହିଁକି କରିଲେ ନାହିଁ ?

# ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ପ୍ରଦାନ କଲେ ବ୍ରହ୍ମାକୁମାରୀ, ଉପହାର ଦେଲେ ମିଠା ଓ ଫଳ

**କେନ୍ଦୁଝର, ୪/୮ ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ସମନ୍ତରାୟପୁର ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମର ଭାଇ ଭଉଣୀମାନେ ସୋମବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୁଇ ଦିନିଆ କେନ୍ଦୁଝର ଗସ୍ତ କାର୍ଯ୍ୟକ୍ରମର ଶେଷ ଦିନରେ ସ୍ଥାନୀୟ ସର୍କିଟ ହାଉସରେ ଭେଟି ତାଙ୍କ ହାତରେ ରାକ୍ଷୀ ପ୍ରଦାନ କରିଛନ୍ତି। ରକ୍ଷାବନ୍ଧନ ବ୍ରହ୍ମାକୁମାରୀ ଆଶ୍ରମର ଏକ ବଡ ପର୍ବ ହୋଇଥିବା ବେଳେ ଏହା ଦୀର୍ଘ ଦୁଇ ମାସ ଧରି ଚାଲିଥାଏ। କେନ୍ଦୁଝର ଆଶ୍ରମର କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ବିନ୍ଦୁ, ବ୍ରହ୍ମାକୁମାରୀ ପ୍ରତିଭା, ବିକେ ବିନତା, ନରଣପୁର କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ମିନତୀ, କଣ୍ଟେଇ ଭଉଣୀ, ବିକେ ଲୋକନାଥ ଭାଇ, ବିକେ ଘନଶ୍ୟାମ ଭାଇ ପ୍ରମୁଖ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଭେଟି ବ୍ରହ୍ମାକୁମାରୀ ଆଶ୍ରମରେ ରକ୍ଷାବନ୍ଧନ ପରମ୍ପରା ବିଷୟରେ ଆଲୋଚନା କରିବା ସହ ତାଙ୍କ ହାତରେ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରକ୍ଷାସୂତ୍ର ଗ୍ରହଣ କରିବା ସହ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ସ୍ୱାଧୀନତା ଦିବସ ପାଳନ ନେଇ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ

# ରାଜ୍ୟସ୍ତରୀୟ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୦୪/୦୮
ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ ଓ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ସୋମବାର ଅପରାହ୍ନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ-୨୦୨୫ ପାଳନର ରୂପରେଖ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ପାଇଁ ଏକ ରାଷ୍ଟ୍ରୀୟ ଉତ୍ସବ ଓ ଗର୍ବର ପ୍ରତୀକ ହୋଇଥିବାରୁ ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ ପୂର୍ବରୁ ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ମାର୍ଗଠାରେ ଅଭ୍ୟାସ ପରେଡ୍‌ର ସୁପରିଚାଳନା କରାଯିବ। ଅଗଷ୍ଟ ୧୫ ତାରିଖ ଦିନ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ପରେଡ୍ ଓ ଜାତୀୟ ପତାକା ଉତ୍ତୋଳନ ସ୍ଥାନଠାରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସହ ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ମୁଖ୍ୟ ମଞ୍ଚ ଓ ପରେଡ୍ ସ୍ଥଳରେ ଡାକବାଜି ଯନ୍ତ୍ର ବ୍ୟବସ୍ଥା, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ବିଶିଷ୍ଟ ଅତିଥି, ନିମନ୍ତ୍ରିତ ଅତିଥି ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଉପବେଶନ ବ୍ୟବସ୍ଥା, ଉତ୍ସବସ୍ଥଳର ସାଜସଜ୍ଜା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ସାଧାରଣତନ୍ତ୍ର ଦିବସ-୨୦୨୫ରେ ଉତ୍ତମ ପ୍ରଦର୍ଶନ କରିଥିବା ପ୍ରଜ୍ଞାପନ ମେଢ଼ ଓ ପରେଡ୍ ଦଳମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିବେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟାକୁ ଏହି ଅବସରରେ ମୁଖ୍ୟ ଅତିଥି ଉନ୍ମୋଚନ କରିବେ। ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ସୁସଜ୍ଜିତ କରାଯିବ। ଏଥି ସହ ଉତ୍ସବସ୍ଥଳକୁ ଆକର୍ଷଣୀୟ ସାଜସଜ୍ଜା କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ପରାମର୍ଶ ଦେଇଥିଲେ।ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ନିମନ୍ତ୍ରଣ ପତ୍ର ମୁଦ୍ରଣ ଓ ବଣ୍ଟନ ପାଇଁ ପଦକ୍ଷେପ ନିଆଯିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ। ପୂର୍ବବର୍ଷ ପରି ନୂଆଦିଲ୍ଲୀ, କୋଲକାତା, ଚେନ୍ନାଇ, ମୁମ୍ବାଇଠାରେ ସ୍ୱାଧୀନତା ଦିବସ ଉତ୍ସବ ପାଳନ କରାଯିବ । ସେହିପରି ଆରଡିସି ଜୋନ୍, ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରାଯିବ । ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ, ଉପ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ବିତ ପରାମର୍ଶଦାତା ପୃଥ୍ୱୀରାଜ ପାଣିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଏମ୍‌ସି ଆନ୍ତଃବିଭାଗ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୦୪/୦୮ ନ୍ୟୁଜ
ବ୍ୟୁରୋ**

ନୂଆ କମିଶନର ଆସିବା ପରେ ବିଏମ୍‌ସି ଆନ୍ତଃବିଭାଗ ସ୍ତରରେ ଅଦଳବଦଳ ହୋଇଛି । ଡେପୁଟି କମିଶନର ରଶ୍ମିରେଖା ଅମାତଙ୍କୁ ଷ୍ଟୋର, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣର ଅତିରିକ୍ତ ଦାୟିତ୍ୱ ମିଳିଛି। ଏହା ସହ ସେ ଦକ୍ଷିଣ-ପଶ୍ଚିମ ଜୋନର ଜୋନାଲ କମିଶନର ଦାୟିତ୍ୱ ତୁଲାଇବେ । ଜୟଶ୍ରୀ ବେହାରା ପୂର୍ବପରି ଏଷ୍ଟାବ୍ଲିସମେଣ୍ଟ ଦାୟିତ୍ୱରେ ରହିବେ । ସେହିପରି କାଜଲ ପ୍ରଧାନ ପରିବେଶ, ଯୋଗେନ୍ଦ୍ର ମାଝୀଙ୍କୁ ଓଡିଏ କୋର୍ଟ, ରୁବି ବେହେରାଙ୍କୁ ଆଇଟି ଏବଂ ମାର୍କେଟ ଦାୟିତ୍ୱ ଦିଆଯାଇଛି । ଏନ୍ ଗଣେଶ ବାବୁ ପରିମଳ, ପ୍ରିୟଙ୍କା ମଲ୍ଲିକ ଯୋଗାଣ ବିଭାଗ, ରଶ୍ମିରେଖା ପ୍ରଧାନ ଏବିସି, ଜରୁରୀକାଳୀନ, ମୁକ୍ତା ଦାୟିତ୍ୱରେ ରହିବେ । ଅଜୟ କୁମାର ମହାନ୍ତି ରାଜସ୍ୱ ବିଭାଗର ଦାୟିତ୍ୱ ତୁଲାଇବେ । ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାଶ ଦାସ ଏବଂ ସସ୍ମିତା ସାହୁ ଏହି ସବୁ ବିଭାଗର ତଦାରଖ କରିବେ ବୋଲି ଜଣାପଡ଼ିଛି । ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁଙ୍କ ବଦଳି ପରେ ବିଭାଗର ପରିବର୍ତ୍ତନ କରାଯାଇଛି ।

# ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦା ଗିରଫ : ଆୟ ଠାରୁ ୬୩୦% ଟଙ୍କାର ସମ୍ପତ୍ତି ଠାବ

**ବୌଦ୍ଧ ୦୪/୦୮ ନ୍ୟୁଜ ବ୍ୟୁରୋ**

କୋଟିପତି ବୌଦ୍ଧ ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦା ଗିରଫ ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପରିବହନ ବାବୁଙ୍କୁ ବାନ୍ଧିଲା ଭିଜିଲାନ୍ସ । ଭିଜିଲାନ୍ସ ଚଢ଼ଉ ବେଳେ ତାଙ୍କଠାରୁ ୪୪ଟି ପ୍ଲଟ୍, ୧ କେଜି ସୁନା, ୨ କିଲୋ ରୁପା, ନଗଦ ୨ ଲକ୍ଷ ୩୮ ହଜାର ଟଙ୍କା ସମେତ ୨୦ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଝିଅର ମେଡିକାଲ ପାଠପଢ଼ାରେ ୪୦ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ବାବୁ। ଗତ କିଛି ମାସ ହେବ ଏମ୍‌ଭିଆଇ ଶ୍ରୀହାସଁଦାଙ୍କ ବିରୋଧରେ ଭିଜିଲାନ୍ସ ବାରିପଦା ଡିଭିଜନ୍‌ରେ ଏକାଧିକ ପିଟିସନ୍ ପଡିଥିଲା। ସେ କୋଟି କୋଟି ଟଙ୍କାର କଳାଧନ ଠୁଳ କରିଥିବା ଏଥିରେ ଉଲ୍ଲେଖ ରହିଥିଲା। ଏହା ପରେ ଭିଜିଲାନ୍ସ ଅଧିକାରୀମାନେ ଖୋଳାତାଡ଼ ଆରମ୍ଭ କରିଥିଲେ । ଅଭିଯୋଗରେ ସତ୍ୟତା ଥିବା ସ୍ପଷ୍ଟ ହେବା ପରେ ଚଢ଼ଉ କରିବା ପାଇଁ ସ୍ପେଶାଲ୍ ଭିଜିଲାନ୍ସ କୋର୍ଟଙ୍କ ଅନୁମତି ମାଗିଥିଲେ। କୋର୍ଟ ଅନୁମତି ଦେବାପରେ ରବିବାର ସକାଳୁ ଆରମ୍ଭ ହୋଇଥିଲା ଚଢ଼ଉ । ଚଢଉ ବେଳେ ଶ୍ରୀ ହାଁସଦାଙ୍କ ପାଖରୁ ଏକ ଡାଏରି ମିଳିଛି ଯେଉଁଥିରେ ବେନାମୀ କଳାଧନର ଚିଠା ଥିବା ଜଣାପଡିଛି । ତାଙ୍କର ୬୩୦% ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ରହିଥିବା ବାରିପଦାର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟକୁ ପଠାଯାଇଥିଲା, ଯାହା ସେ ସନ୍ତୋଷଜନକ ଭାବରେ ହିସାବ ଦେଇପାରି ନଥିଲେ ବୋଲି ସୂଚନା ମିଳିଛି ।

# ପୁଣି ଶ୍ରୀମନ୍ଦିର ଭିତରୁ ଯୁବକଙ୍କ ଠାରୁ ହିଡେନ କ୍ୟାମେରା ଜବତ

**ପୁରୀ, ୪।୮ ନ୍ୟୁଜ ବ୍ୟୁରୋ**

ପୁଣି ଶ୍ରୀମନ୍ଦିର ଭିତରୁ ଜଣେ ଯୁବକଙ୍କ ଠାରୁ ହିଡେନ କ୍ୟାମେରା ଜବତ ହୋଇଛି। ସିଂହଦ୍ୱାର ଥାନା ପୋଲିସ ଶ୍ରୀମନ୍ଦିର ଭିତରୁ ହିଡେନ କ୍ୟାମେରା ଜବତ କରିବା ସହ ଜଣକୁ ଅଟକ ରଖି ପଚରାଉଚରା କରୁଛି। ଅଟକ ଥିବା ବ୍ୟକ୍ତି ଜଣକ ହେଲେ ଗୁଜରାଟର ବିପୁଲ୍ ପଟେଲ। ନିଜ ଚଷମାରେ ସ୍ପାଏ କ୍ୟାମେରା ଲଗାଇ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ ବିପୁଲ୍। ତେବେ ଅଟକ ଥିବା ବ୍ୟକ୍ତିଙ୍କୁ ଟାଉନ ଥାନାକୁ ନିଆଯାଇ ପୋଲିସ ଅଧିକ ପଚରାଉଚରା ଜାରି ରଖିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ସହ କେଉଁ ସେବକ ଯାଇଥିଲେ ନା ସେ ଏକୁଟିଆ ଏଭଳି କାର୍ଯ୍ୟ କରିଛନ୍ତି ସେନେଇ ପୋଲିସ ତଦନ୍ତ କରୁଛି। ତେବେ ଅଭିନବ ଉପାୟରେ ଶ୍ରୀମନ୍ଦିର ଭିତରେ ଫଟୋ ଓ ଭିଡିଓ ସ୍ପାଏ କ୍ୟାମେରାରେ ସମ୍ପୃକ୍ତ ବ୍ୟକ୍ତିଜଣକ କଏଦ କରିଥିବା ସନ୍ଦେହ କରାଯାଉଛି। ନିଜ ଚଷମାରେ ହିଡେନ୍ କ୍ୟାମେରା ଲେନ୍ସ ଲଗାଇ ଶ୍ରୀମନ୍ଦିରର ଭିତର ଭିଜୁଆଲ ଉତ୍ତୋଳନ କରାଯାଇଥାଇପାରେ ବୋଲି ଅନୁମାନ କରାଯାଉଛି।

## ପ୍ରକାଶ ଅପେକ୍ଷାରେ...

### 'କଥାକଳିକା'ର ଅଗଷ୍ଟ-୨୦୨୫ ସଂଖ୍ୟା
### (ଦେଶ ପ୍ରେମ ସ୍ୱତନ୍ତ୍ର)




### ଏଥର ଚର୍ଚ୍ଚିତ ସଂଖ୍ୟାରେ ଆମର ପ୍ରିୟ କଥାକାର ଗଣ...

ଗାଳ୍ପିକ ରବିପଣ୍ଡା- ପରିଚୟ, ରମେଶ ପଟ୍ଟନାୟକ-ପହେଲିଗାମ୍, ସଂଜୁକ୍ତା ଦାଶ- ଉପତ୍ୟକାରେ ଆତଙ୍କ, ସୋମାଚ୍ଛନ୍ଦ-ମାଟି, ମା/ମା-ମାଟି, ରେବା ପଟ୍ଟନାୟକ-ସେ' କାହାର ହେବ, ସୁଷମା ପରିଡା-ଫେରିଆ ଧନ ମୋର, ପ୍ରଫୁଲ୍ଲ ବାରିକ-ରୂପସୀରୁ ରକ୍ତ ତୀର୍ଥ, ବିଦ୍ୟାଧରଗୁରୁ-ସ୍ୱପ୍ନଭଙ୍ଗ, ଚନ୍ଦ୍ରକଳାନାୟକ-ପାରୁଲର ଦେଶପ୍ରେମ, ସ୍ନିଗ୍ଧା ନାୟକ-ପହେଲିଗାମ୍‌ର ପ୍ରଥମ ତୁଷାର ପାତ, ମଧୁସ୍ମିତା ମିଶ୍ର- ନିର୍ମୋହୀ, ସନ୍ତୋଷୀ ସ୍ୱାଇଁ-ବୀର ଶହୀଦର ସିନ୍ଦୁର, ନମିତା ଦାଶ-କେମିତି ଫେରିବି, ପ୍ରଭାତୀ ଜେନା-ପିହୁ, ବିନୋଦିନୀ ଗନ୍ତାୟତ-ପ୍ରତିଛବି, ସୁଷମାଲେଙ୍କା- ଶହୀଦ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ଆଜି ଏନଡିଏ ସଂସଦୀୟ ଦଳ ବୈଠକ: 'ଅପରେସନ ସିନ୍ଦୂର' ପାଇଁ ସମ୍ମାନିତ ହେବେ ମୋଦୀ

**ନୂଆଦିଲ୍ଲୀ, ୪/୮**



ଏନଡିଏ ସଂସଦୀୟ ଦଳର ବୈଠକ ମଙ୍ଗଳବାର ସକାଳ ୯ଟାରେ ଅନୁଷ୍ଠିତ ହେବ । ସମସ୍ତ ଏନ୍‌ଡିଏ ସାଂସଦ ବୈଠକରେ ଉପସ୍ଥିତ ରହିବେ। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରାଯିବ ଏବଂ ପ୍ରଧାନମନ୍ତ୍ରୀ ସାଂସଦମାନଙ୍କୁ ମଧ୍ୟ ସମ୍ବୋଧିତ କରିବେ । ବିଜେପି ସଂସଦୀୟ ଦଳର ସମସ୍ତ ନେତା ଏବଂ ଏନଡିଏ ସହଯୋଗୀ ଦଳଗୁଡ଼ିକର ସାଂସଦମାନଙ୍କୁ ଏହି ବୈଠକରେ ଯୋଗଦେବାକୁ କୁହାଯାଇଛି । ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆତଙ୍କବାଦ ବିରୋଧରେ 'ଅପରେସନ ସିନ୍ଦୂର' ପାଇଁ ସମ୍ମାନିତ କରାଯିବ । ପ୍ରଧାନମନ୍ତ୍ରୀ ସାଂସଦମାନଙ୍କୁ ମଧ୍ୟ ସମ୍ବୋଧିତ କରିବେ। ସଂସଦର ମୌସୁମୀ ଅଧିବେଶନ ଚାଲିଛି । ଅଧିବେଶନ ସମୟରେ ଏହା ଏନଡିଏ ସଂସଦୀୟ ଦଳର ପ୍ରଥମ ବୈଠକ । ମୌସୁମୀ ଅଧିବେଶନ ଦୃଷ୍ଟିରୁ ଏହି ବୈଠକ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଏହି ବୈଠକ ଏପରି ସମୟରେ ହେଉଛି ଯେତେବେଳେ ସରକାର ଗୃହରେ ତୀବ୍ର ବିରୋଧର ସମ୍ମୁଖୀନ ହେଉଛନ୍ତି। ଏଥର ସଂସଦର ମୌସୁମୀ ଅଧିବେଶନରେ ଗତ ଥର ଅପେକ୍ଷା ଅଧିକ ହଙ୍ଗାମା ଦେଖିବାକୁ ମିଳୁଛି। ଜଗଦୀପ ଧନଖଡ଼ଙ୍କ ଉପରାଷ୍ଟ୍ରପତି ପଦରୁ ହଠାତ୍ ଇସ୍ତଫା, ଆହ୍ଲାବାଦ ହାଇକୋର୍ଟର ବିଚାରପତି ଯଶୱନ୍ତ ବର୍ମାଙ୍କ ବିରୁଦ୍ଧରେ ମହାଭିଯୋଗ ଏବଂ 'ଅପରେସନ ସିନ୍ଦୁର' ସମୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଲଗାତାର ଆକ୍ରମଣ କରୁଛନ୍ତି । ଏହା ସହିତ, ଲୋକସଭା ଏବଂ ରାଜ୍ୟସଭାରେ ବିରୋଧୀ ଦଳଗୁଡ଼ିକ ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ (ଏସ୍‌ଆଇଆର୍) ଅଭିଯାନକୁ ନେଇ ମଧ୍ୟ ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ବିରୋଧୀ ଦଳ ଏହି ପ୍ରସଙ୍ଗରେ ଗୃହରେ ଆଲୋଚନା ପାଇଁ ଲଗାତାର ଦାବି କରୁଛନ୍ତି। ଏହା ଯୋଗୁଁ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ସେପଟେ ସରକାର କହିଛନ୍ତି ଯେ, ଏସଆଇଆର ଉପରେ ଆଲୋଚନା କରାଯାଇପାରିବ ନାହିଁ । ଏହା ନିର୍ବାଚନ କମିଶନଙ୍କ କାର୍ଯ୍ୟ ଏବଂ ନିୟମ ମଧ୍ୟ ଏହାକୁ ଅନୁମତି ଦିଏ ନାହିଁ ବୋଲି ସରକାର କହିଛନ୍ତି । ଅନ୍ୟପକ୍ଷରେ, ସରକାର ଏବଂ ବାଚସ୍ପତି ସ୍ପଷ୍ଟ କରିଛନ୍ତି ଯେ, ଲୋକସଭାରେ ହଟ୍ଟଗୋଳ ମଧ୍ୟରେ ମଧ୍ୟ ବିଲ୍ ପାସ୍ ହେବ। ଏବେ ଏକ ପରାମର୍ଶ ଆସିଛି ଯେ, ଏସଆଇଆର ଉପରେ ଆଲୋଚନା କରିବା ପରିବର୍ତ୍ତେ, ନିର୍ବାଚନ ସଂସ୍କାର ଉପରେ ଆଲୋଚନା କରାଯିବା ଉଚିତ । କିଛି ବିରୋଧୀ ଦଳ ଏନେଇ ପରାମର୍ଶ ଦେଇଛନ୍ତି । ପୂର୍ବରୁ ସଂସଦରେ ନିର୍ବାଚନ ସଂସ୍କାର ଉପରେ ଆଲୋଚନା କରାଯାଇଛି। ତେଣୁ, ଏଥର ମଧ୍ୟ ନିର୍ବାଚନ ସଂସ୍କାର ଭଳି ଏକ ବ୍ୟାପକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇପାରିବ। ତଥାପି, ସରକାର କହିଛନ୍ତି ଯେ, ଯଦି ନିୟମ ଅନୁମତି ଦିଏ ଏବଂ ଅଧ୍ୟକ୍ଷ ନିଷ୍ପତ୍ତି ନିଅନ୍ତି ତେବେ ଯେକୌଣସି ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରିବ ।